### ବିଦ୍ୟୁତ୍ ସଂଯୋଗ ପାଇଁ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

# ଯନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଅନଶନ ପ୍ରତ୍ୟାହୃତ

**ଡେରାବିଶ, ୨୦।୧୧(ସମିସ)**

ଦୀର୍ଘ ବର୍ଷ ହେବ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରି ଶେଷରେ ନିରାଶ ହେବା ପରେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ପକ୍ଷରୁ ଆମରଣ ଅନଶନରେ ବସିଥିଲେ। ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଥିବା ବିଦ୍ୟୁତ୍ ସେକ୍ସନ ଅଧୀନରେ ଥିବା ହଳଦୀବସନ୍ତ ଗ୍ରାମର ଗୋପିନାଥ ମଲିକ ୧୯୯୯ ମହାବାତ୍ୟା ପରଠାରୁ ନିଜ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଯାଏ ନିବେଦନ କରି ବିଫଳ ହୋଇଥିଲେ। ଏଥିପାଇଁ ସେ ଚଳିତ ମାସ ୧୦ ତାରିଖରେ କେନ୍ଦ୍ରାପଡ଼ା ବିଦ୍ୟୁତ୍ ବିଭାଗ ଏଜିଏମ୍‌ଙ୍କୁ ୧୯ ତାରିଖ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆ ନ ଗଲେ ୨୦ ତାରିଖଠାରୁ ପରିବାର ସହ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଥିଲେ। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଶେଷରେ ସୋମବାର ଛତା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ନିଜ ପରିବାର ସହ ସେ ଆମରଣ ଅନଶନରେ ବସିଥିଲେ। ତେବେ ଯନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଗୋପୀନାଥ ଅନଶନରୁ ଓହରିଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ନିଜ ପୈତୃକ ଘରେ ଗୋପୀନାଥ ଓ ତାଙ୍କର ଭାଇ ଶ୍ୟାମ ମଲିକ ପୃଥକ ଭାବେ ରହୁଥିବାବେଳେ ତାଙ୍କ ଭାଇଙ୍କୁ ବିଦ୍ୟୁତ୍ ସଂଯୋଗ ମିଳିଛି। ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଏଜିଏମ୍ ଯାଏ ବାରମ୍ବାର ଆବେଦନ କରି ଶେଷରେ ଜିଲ୍ଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଅଭିଯୋଗ ପାଇ କେନ୍ଦ୍ରାପଡ଼ା ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ବିଷୟରେ ଛତା ବିଦ୍ୟୁତ୍ ସେକ୍ସନ ଦାୟିତ୍ୱରେ ଥିବା ଯନ୍ତ୍ରୀ ସନ୍ତୋଷ କୁମାର ସେନାପତିଙ୍କୁ ପଚାରିବାରୁ ସେ କହଥିଲେ, ଗୋପିନାଥଙ୍କ ବାପାଙ୍କ ନାମରେ ୩୫ ହଜାର ୫୫୮ ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଛି। କମ୍ପାନୀର ନିୟମ ଅନୁଯାୟୀ ବକେୟା ବିଦ୍ୟୁତ୍ ବିଲ୍ ମଧ୍ୟରୁ ଗୋପିନାଥ ଅର୍ଦ୍ଧେକ ଅର୍ଥ ପୈଠକଲେ ବିଭାଗୀୟ ସ୍ତରରେ ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇପାରିବ ବୋଲି କହିଥିଲେ। ବିଭାଗୀୟ ଯନ୍ତ୍ରୀ ସେନାପତି ଅନଶନସ୍ଥଳକୁ ଆସି ଗୋପିନାଥ ଓ ତାଙ୍କ ଭାଇଙ୍କ ମଧ୍ୟରେ ବୁଝାମଣା କରିଥିଲେ। ତାଙ୍କ ଭାଇ ଶ୍ୟାମଙ୍କ ଘରକୁ ସଂଯୋଗ କରାଯାଇଥିବା ବିଦ୍ୟୁତ୍‌କୁ ଗୋପିନାଥ ବ୍ୟବହାର କରିବେ। ଏଥିପାଇଁ ପ୍ରତିମାସରେ ଆବଶ୍ୟକ ସେ ପୈଠ କରିବେ ବୋଲି ବିଭାଗ ସହ ଦୁଇ ଭାଇଙ୍କ ଚୁକ୍ତି ହୋଇଛି। ପରେ ଗୋପିନାଥ ତାଙ୍କ ଅନଶନ ପ୍ରତ୍ୟାହାର କରିଥିଲେ।




### ଏସଏଚ୍‌ଜି ଋଣ ପ୍ରଦାନ ମେଳା

# 'ବିକାଶର ସାରଥି ମିଶନ ଶକ୍ତି ଓଡ଼ିଶାର ପ୍ରକୃତ ଶକ୍ତି ହୋଇଛି'

**ପଟ୍ଟାମୁଣ୍ଡାଇ, ୨୦।୧୧(ସମିସ):** ବିକାଶର ସାରଥୀ ମିଶନଶକ୍ତି ମା'ମାନେ ଆଜି ଓଡ଼ିଶାର ପ୍ରକୃତ ଶକ୍ତି ହୋଇପାରିଛନ୍ତି ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଏସଏଚ୍‌ଜି ଗୋଷ୍ଠୀଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରି ପ୍ରକାଶ କରିଛନ୍ତି। ବନ୍ଜା ନନ୍ଦିନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ଅଧ୍ୟକ୍ଷ ଶ୍ରୀସାମନ୍ତରାୟ କହିଥିଲେ, ୨୦୦୧ ମସିହାରେ ଓଡ଼ିଶା ବିକାଶର ମହାନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋପଣ କରିଥିବା ମିଶନଶକ୍ତି ନାମକ ଚାରା ଗଛ ସମ୍ପ୍ରତି ଏକ ମହାଦ୍ରୁମରେ ପରିଣତ ହୋଇ ସାରା ଭାରତରେ ଉଦାହରଣ ସୃଷ୍ଟି କରିଛି। ମିଶନଶକ୍ତି ମା'ମାନେ ବିଭିନ୍ନ ସରକାରୀ ଯୋଜନାରେ ମଞ୍ଜୁର ଋଣକୁ ସଫଳ ବିନିଯୋଗ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନୂତନ ଓଡ଼ିଶା ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଛନ୍ତି। ବିଡିଓ ଶୁଭ୍ରାଂଶୁ ସାହୁ ବିଭିନ୍ନ ଯୋଜନା ଯଥା ବିଉଟି ପାର୍ଲର, ଛତୁ, ବଡ଼ି, ମାଛ ଚାଷ, ଧୂପ କାଠି, ଆଦି ବିଭିନ୍ନ ପ୍ରକଳ୍ପରେ ମଞ୍ଜୁର ଋଣ ଅର୍ଥ ବିନିଯୋଗ କରି ଆର୍ଥିକ ଭାବେ ସଶକ୍ତ ହେବା ସହିତ ଅଞ୍ଚଳର ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ସିଡିପିଓ ମନୋରମା ସ୍ୱାଇଁ, ମିଶନଶକ୍ତି ମହାସଂଘ ସଭାନେତ୍ରୀ ସୁପ୍ରଭା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମିଶନଶକ୍ତି ବ୍ଲକ ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ ସ୍ୱାଗତଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜୀବିକା ମିଶନ ସଂଯୋଜିକା ସୁମିତ୍ରା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜୀବିକା ମିଶନ ସଂଯୋଜିକା ସଙ୍ଗୀତା ଭୂୟାଁ ଧନ୍ୟବାଦ ଦେଇଥିଲେ। ଏହି ଋଣ ପ୍ରଦାନ ମେଳାରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତର ୧୪୪ଟି ମହିଳା ଏସଏଚ୍‌ଜି ଗ୍ରୁପକୁ ୬କୋଟି ୭୦ଲକ୍ଷ ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା।



## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ

**କେନ୍ଦ୍ରାପଡ଼ା, ୨୦।୧୧(ସମିସ):** ସିଂହଗାଁ ପଞ୍ଚାୟତର ପାଣି ସାଉଁଳିଆ ଗ୍ରାମର ସୁରେନ୍ଦ୍ର ମଲିକ, ଦୀନବନ୍ଧୁ ମଲିକ ଓ କୃପାସିନ୍ଧୁ ମଲିକଙ୍କ ବାସଗୃହ ଅଗ୍ନିକାଣ୍ଡରେ ଜଳିଯାଇଥିଲା। ଏହି ଘଟଣା ପରଠାରୁ ସେମାନେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଥିବା ଖବର ପାଇ ସମାଜସେବୀ ତଥା ବିଜେଡିର ସକ୍ରିୟ ସଭ୍ୟ ଇଂ ମୂରଲୀଧର ସେଠୀ ଘଟଣାସ୍ଥଳରେ ପହଞ୍ଚି ଦୁଃଖପ୍ରକାଶ କରିଥିଲେ। ଏଥି ସହିତ ଏହି ଅଗ୍ନିବିପନ୍ନଙ୍କୁ ଇଂ ସେଠୀ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାଙ୍ଗପଡ଼ା ପଞ୍ଚାୟତ ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର, ଶରତ କୁମାର ମହାନ୍ତି, ରାଜକିଶୋର ରାଉତ, ଦିଲ୍ଲୀପ ରାଉତ, ଭରତ ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାରୋ ଓପିଏସ୍ ବିଦ୍ୟାଳୟରେ ଶିଶୁ ମହୋତ୍ସବ

**କେନ୍ଦ୍ରାପଡ଼ା, ୨୦।୧୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ଗ୍ରାମପଞ୍ଚାୟତରେ ଗଢି ଉଠିଥିବା ଓପିଏସ ବିଦ୍ୟାଳୟରେ ଶିଶୁ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ଅଧ୍ୟକ୍ଷ ଉତ୍ତମ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମାଜସେବୀ ଇଂ ମୂରଲୀଧର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ ଏବଂ ସେମାନଙ୍କ ଭିତରେ ଲୁକ୍କାୟିତ ଥିବା ପ୍ରତିଭାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯିବା ନିତ୍ୟାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସେକ୍ ବାବୁଜାନ, ଭୀମସେନ ପ୍ରଧାନ, ଶୈଳଜାଶଙ୍କର ସାମଲ, ସୁଦର୍ଶନ ମହାପାତ୍ର, ଅପର୍ଣ୍ଣା ରାଉତ, ଉମାକାନ୍ତ ପରିଡ଼ା, ଡମ୍ବରୁଧର ସାହୁ, ମାନସରଞ୍ଜନ ପରିଡ଼ା, ଲକ୍ଷ୍ମୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ଶହେ ପରିବାରକୁ ରାସନ ସାମଗ୍ରୀ ପ୍ରଦାନ

**ରାଜନଗର, ୨୦।୧୧(ସମିସ):** ରାଜନଗର ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ପରିବାରଙ୍କୁ ଏକ ହଜାର ଟଙ୍କାର ରାସନ ସାମଗ୍ରୀ ପ୍ରଦାନ କରାଯାଇଛି। ରାଜନଗର ବଜାର ଉପରେ ଥିବା ଏସକେ ସାନିଟାରୀର ପ୍ରୋପାଇଟର ମୁକ୍ତିକାନ୍ତ ରାଉତରାୟ ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ରାସନ କାର୍ଡଧାରୀ ପରିବାରକୁ ୧ହଜାର ଟଙ୍କାର ରାସନସାମଗ୍ରୀ ପ୍ରଦାନ କରିଛନ୍ତି। ଆଜି ଓସ୍ତିଆ ପଞ୍ଚାୟତର କପିଳେନ୍ଦ୍ର ଦାସ, ସୌଦାଗର ରାଉତ, ଲକ୍ଷ୍ମୀପ୍ରିୟା ରାଉତ, କପିଳେଶ୍ୱର ବେହେରା, ଅନ୍ତର୍ଯ୍ୟାମୀ ରାଉତ, ଉଦୟନାଥ ଦାସ, କେଦାର ବେହେରା, ପିତାମ୍ବର ସେଠୀ, ରବୀନ୍ଦ୍ର ସେଠୀ, ସୁନାକର ସେଠୀ, ଶିଶିର ସେଠୀ, ଶତ୍ରୁଘ୍ନ ସେଠୀ, ମକର ଚରଣ ବେହେରା, ବାସୁଦେବ ମହାନ୍ତି, ହେମନ୍ତ ବେହେରା, ହିମାଂଶୁ ସେଠୀ, ଶ୍ରୀନିବାସ ସେଠୀ, ପ୍ରମିଳା ସେଠୀ, ଲକ୍ଷ୍ମୀଧର ସେଠୀ, ରାଜନଗର ପଞ୍ଚାୟତର ବିଜୟ ତାଡୁ, ଭଗବାନ ବାରିକ, ଭଜହରି ମଳିକ, କିଶୋର ବିଶ୍ୱାଳ, ବାଲିସାହିପାଟଣା ପଞ୍ଚାୟତର ଦଶରଥ ପ୍ରଧାନ ପ୍ରମୁଖଙ୍କୁ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ମହାକାଳପଡ଼ା, ୨୦।୧୧(ସମିସ):** ସଂସ୍କୃତି, କ୍ରୀଡ଼ା ଓ ସମାଜସେବା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଅନ୍ତର୍ଗତ 'ସମନ୍ୱିତ ଯୁବ ବିକାଶ' କାର୍ଯ୍ୟକ୍ରମ ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଉମାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଜୟଚନ୍ଦ୍ରପୁର କ୍ଲଷ୍ଟର ସିଆରସିସି ସୁଜିତ କୁମାର ମଲ୍ଲ ଯୋଗ ଦେଇଥିଲେ। ସାଂସ୍କୃତିକ କ୍ଲବ୍‌ର ସଂଯୋଜକ ଅଧ୍ୟାପକ ସମୀର କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଯୋଗ ଅଧ୍ୟାପକ ଗଙ୍ଗାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବିକାଶ ଚନ୍ଦ୍ର ଦାସ, ଦଲ୍ଲୀପ କୁମାର ଦାସ, ଗୌରାଙ୍ଗଚରଣ ସାହୁ, ସୁଶାନ୍ତ ବିଶୋଇ, ଶରତଚନ୍ଦ୍ର ସେଠୀ, ଜ୍ଞାନରଞ୍ଜନ ମହାପାତ୍ର, ମନୋଜ କୁମାର ଦାସ, ଶୈଳବାଳା ମହାନ୍ତି, ମମତା ଶତପଥୀ, ସୁଜାତା ସ୍ୱାଇଁ ଏବଂ କର୍ମଚାରୀ ମହନି ସାମଲ, ବିଜୟ ସ୍ୱାଇଁ, ଶଶିକାନ୍ତ ଦାସ, ପ୍ରଦୀପ ମହାନ୍ତି, ପବିତ୍ର ନାଥ, ତ୍ରିଲୋଚନ ବାରିକ, କିଶୋର ଜେନା ଓ ଗଗନ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ରାଜପଥରେ ଆଇରନ୍ ଟ୍ରକ୍‌ରୁ ଚାନ୍ଦା ଆଦାୟ ଅଭିଯୋଗରେ ୫ ଦଲାଲ୍ ଗିରଫ

**ମାର୍ଶାଘାଇ, ୨୦।୧୧(ସମିସ):** ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ମାର୍ଶାଘାଇ ଥାନା ନୀଳାଞ୍ଚଳ ବଜାରରେ ବିଳମ୍ବିତ ରାତିରେ ଦଲାଲି କରିବା ଅଭିଯୋଗରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଟାଉନ ଥାନାର ଏମ୍ ଫିସଫିକ୍ୟୁ (୩୭), ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନାର ସାଜିଦ୍ ଖାଁ (୩୦), କେନ୍ଦ୍ରାପଡ଼ା ନିକରାଇ ଜମରାର ଏସ୍‌କେ ସଲିମ୍ (୪୩), ମାର୍ଶାଘାଇ ଥାନା ନାରାୟଣପୁରର ନିରଞ୍ଜନ ମଲ୍ଲିକ(୪୩), ମାର୍ଶାଘାଇ ଥାନା ଭଗବାନପୁରର ଦେବଦତ୍ତ ନାୟକ(୪୧)ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଦଲାଲି କାର୍ଯ୍ୟରେ ବ୍ୟବହୃତ ଏକ ଗାଡ଼ିକୁ ପୁଲିସ ଜବତ କରିଛି। ଏମାନେ ନିୟମିତ ଭାବେ ଲାଇନରେ ଅଟକିଥିବା ଆଇରନ ବୋଝେଇ ଟ୍ରକ ଚାଳକଙ୍କ ପାଖରୁ ଚାନ୍ଦା ଆଦାୟ କରି ରଙ୍ଗରୁଟ୍‌ରେ ବେଆଇନ୍ ଭାବେ ପାରାଦୀପ ବନ୍ଦରକୁ ପାସ୍ କରାଇଥା'ନ୍ତି। ଆଗରେ ଅଟକିଥିବା ଟ୍ରକ ମାଲ୍ ପରିବହନରେ ବିଳମ୍ବ ଯୋଗୁ ବହୁ ଟ୍ରକ ମାଲିକ ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଆସୁଥିବା ପୁଲିସ କହିଛି। ରବିବାର ରାତିରେ ନୀଳାଞ୍ଚଳ ବଜାରରେ ଦଲାଲ୍ ସକ୍ରିୟ ଥିବା ଖବର ପାଇ ପୁଲିସ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରି ୫ ଜଣ ଦଲାଲ୍‌ଙ୍କୁ ଗିରଫ କରିବା ସହ ବ୍ୟବହୃତ ଏକ ଗାଡ଼ିକୁ ଜବତ କରିଥିଲା।

## କୁଷ୍ଠରୋଗ ଚିହ୍ନଟ ସମନ୍ୱୟ କମିଟି ବୈଠକ

**କେନ୍ଦ୍ରାପଡ଼ା, ୨୦।୧୧(ସମିସ):** କୁଷ୍ଠରୋଗ ମୁକ୍ତ ଜିଲ୍ଲା ଗଠନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଘରକୁଘର ବୁଲି ଆଶାକର୍ମୀ ଓ ମହିଳା ସ୍ୱାସ୍ଥ୍ୟକର୍ମୀମାନେ କୁଷ୍ଠରୋଗ ଚିହ୍ନଟ କରିବେ। ଏହି ରୋଗରୁ ଆରୋଗ୍ୟ ଲାଭ ପାଇଁ ସଚେତନତାର ବାର୍ତ୍ତା ବାଣ୍ଟିବା ସହ ଚିହ୍ନଟ ହୋଇଥିବା ବ୍ୟକ୍ତିକୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ଯିବା ପାଇଁ ପରାମର୍ଶ ଦେବେ। ସର୍ବାଧିକ କୁଷ୍ଠରୋଗୀ ଥିବା ରାଜନଗର ବ୍ଲକକୁ ପ୍ରାଥମିକ ସ୍ତରରେ ଟାର୍ଗେଟ କରାଯାଇଛି। ଡିସେମ୍ବର ମାସ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ବ୍ଲକରେ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବ୍ଲକରେ ଥିବା ରୋଗରେ ଆକ୍ରାନ୍ତ ବ୍ୟକ୍ତଙ୍କୁ ଚିହ୍ନଟ ସହ ସେମାନଙ୍କ ଆରୋଗ୍ୟ ଉଦ୍ଦେଶ୍ୟରେ ସୋମବାର ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ମୁଖ୍ୟ ଡାକ୍ତରଖାନାସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୀର୍ଜା ବାବର ବେଗ୍, ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଅଞ୍ଜଳୀ ତରାଇ, ଏସ୍‌ଏମ୍‌ଓ ଡା. ନୃପେନ୍ ଶତପଥି, ଜିଲ୍ଲା ଲେପ୍ରୋସି ଅଫିସର୍ ଡା. ପ୍ରଦୀପ ଦାସ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ପି.କେ ଶୁକ୍ଳା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବିପିଏମ୍ ଶ୍ରୀକାନ୍ତ ଦାସ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧି ପ୍ରକାଶ ଚନ୍ଦ୍ର ଦାସ, ଲେପ୍ରୋସିର କାର୍ଯ୍ୟକର୍ତ୍ତା କଳ୍ପତରୁ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମନ୍ୱୟ କମିଟି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କୁଷ୍ଠରୋଗର ଚିହ୍ନଟ, ତଦାରଖ ଏବଂ ଏହାର ସଫଳ କାଯ୍ୟକାରିତାକୁ ଅନୁଧ୍ୟାନ କରିବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ସମନ୍ୱୟ କମିଟି ବୈଠକ କାର୍ଯ୍ୟକ୍ରମ ପରିଚାଳନା ସହ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶାନ୍ତିଲତା ଚାନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାନୁଯାୟୀ, କୁଷ୍ଠରୋଗରୁ ମୁକ୍ତି ପାଇଁ ରାଜ୍ୟ ସରକାର ଏମ୍‌ଡିଟି (ମଲ୍‌ଟି ଡ୍ରଗ୍ ଥେରାପି) ଔଷଧ ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଯୋଗାଇ ଦେଉଛନ୍ତି।



## ଆଜିଠୁ ବଳଦେବଜୀଉଙ୍କ ପୀଠରେ ହବିଷ୍ୟାଳି ଉତ୍ସବ

**କେନ୍ଦ୍ରାପଡ଼ା, ୨୦।୧୧(ସମିସ):** ପବିତ୍ର ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ତଥା କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ବଳଦେବଜୀଉଙ୍କ ପୀଠରେ ଦିବ୍ୟ ଜୀବନ ସଂଘ ଶାଖା ଗରାପୁରସ୍ଥ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ମାର୍ଗଦର୍ଶନରେ ହବିଷ୍ୟାଳୀ ବ୍ରତ ଉତ୍ସବ ଆୟୋଜନ କରାଯିବ। ଗତ ୫ ବର୍ଷ ହେଲା ପଞ୍ଚୁକ ସମୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ପ୍ରତିବର୍ଷ ଶତାଧିକ ହବିଷ୍ୟାଳୀ ଯୋଗଦେଇ ରୀତିନୀତି ଅନୁଯାୟୀ ଈଶ୍ୱରଙ୍କ ଆରାଧନା କରିବା ସହିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ କାର୍ତ୍ତିକ ପଞ୍ଚୁକ ହବିଷ୍ୟାଳୀ ବ୍ରତ ଆସନ୍ତାକାଲି ପୂର୍ବାହ୍ନରେ ଉଦ୍‌ଘାଟନ ହେବା ସହ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ଏହି ସମୟ ମଧ୍ୟରେ ରୀତିନୀତିରେ ହବିଷ୍ୟାଳୀ ବ୍ରତ ପାଳନ କରାଯିବା ସହିତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯିବ। ପୂର୍ବାହ୍ନ ୧୧ଟାବେଳେ ବଳଦେବଜୀଉଙ୍କ ମନ୍ଦିର ପରିସରସ୍ଥ ଝୁଲଣ ମଣ୍ଡପରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯିବ। ଶ୍ରୀମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଅନେକ ସାଧୁସନ୍ଥ ଯୋଗଦେବେ। ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ତୁଳସୀକ୍ଷେତ୍ରରେ ହବିଷ୍ୟ କରିବା ପାଇଁ ବହୁ ହବିଷ୍ୟାଳୀ ପହଞ୍ଚିବାର ସମ୍ଭାବନା ରହିଛି। ସେମାନଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟ ପରୀକ୍ଷା, ସତ୍‌ସଙ୍ଗ, ରାଇଦାମୋଦର ବେଶ, ଅଁଳା ବେଢ଼ା ପରିକ୍ରମା, ମନ୍ଦିର ପରିକ୍ରମା ପ୍ରଭୃତି ସମ୍ପର୍କରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଶ୍ରୀ ଜୀଉଙ୍କ ପୀଠରେ ହବିଷ୍ୟ କରିବାକୁ ଚାହୁଁଥିବା ମହିଳାମାନେ ଉପସ୍ଥିତ ହେବାକୁ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି।

## ଅଗ୍ନିବିପନ୍ନଙ୍କୁ ବେଦପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦର ସହାୟତା



**ଡେରାବିଶ, ୨୦।୧୧(ସମିସ):** ଡେରାବିଶ ବ୍ଲକ ଗୁଆଳସିଂହ ପଞ୍ଚାୟତ ମିର୍ଜା ପାଟଣା ଗାଁରେ ଗତ ୧୧ ତାରିଖରେ ହୋଇଥିବା ଭୟାବହ ଅଗ୍ନିକାଣ୍ଡରେ ବିପନ୍ନ ହୋଇଥିବା ଦୁଇ ପରିବାରଙ୍କୁ ବେଦପ୍ରକାଶ ଅଗ୍ରୱାଲ୍ ସ୍ମୃତି ପରିଷଦ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସୋମବାର ପରିଷଦର ଅଧ୍ୟକ୍ଷା ବିଜେଡି ନେତ୍ରୀ ମଧୁମିତା ଅଗ୍ରୱାଲଙ୍କ ନେତୃତ୍ୱରେ ପରିଷଦର ସଭାପତି ରାଜେଶ ଦାସ, ଗୁଆଳସିଂର ପୂର୍ବତନ ସରପଞ୍ଚ ବଟକୃଷ୍ଣ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭବାନୀ ପ୍ରସାଦ ଓଝା ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଶୀତବସ୍ତ୍ର, ଚୁଡ଼ା, ଚାଉଳ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ୧୧ ତାରିଖ ଅପରାହ୍ନ ୨ଟାରେ ଅଗ୍ନିକାଣ୍ଡ ଘଟି ଗାଁର ଅଲିମୁଦ୍ଦିନ୍ ଖାଁଙ୍କ ୩ ବଖରା ଓ ଯଶୁଦିନ ଖାଁଙ୍କର ୩ ବଖରା ଘର ପୋଡ଼ି ଭସ୍ମିଭୂତ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଉଭୟ ପରିବାର ସଦସ୍ୟଙ୍କ ପିନ୍ଧାବସ୍ତ୍ରକୁ ଛାଡ଼ିଦେଲେ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା।

## ଦାନପୁର ସମିତିରେ ପହଞ୍ଚିଲା ସମବାୟ ସଚେତନତା ରଥ

**ଡେରାବିଶ, ୨୦।୧୧(ସମିସ):** ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଡେରାବିଶ ବ୍ଲକର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିରେ ସମବାୟ ସଚେତନତା ରଥ ପହଞ୍ଚି ଜାରି ରଖିଥିବା ସଚେତନତା କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଛି। ଦୀର୍ଘ ସାତଦିନ ଧରି ବ୍ଲକର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିରେ ପହଞ୍ଚି ସମିତିର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟାବଳୀ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ବିଶେଷ କରି ସମବାୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଚାଷୀମାନେ କିଭଳି ଉପକାର ପାଉଛନ୍ତି ଏବଂ ସମବାୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା କେନ୍ଦ୍ର ଓ ରାଜ୍ୟର ଅର୍ଥନୀତି କିଭଳି ସୁଦୃଢ଼ ହେଉଛି। ଏ ସମ୍ପର୍କରେ ସଚେତନତା କରାଇବା ଲାଗି ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ସମବାୟ କ୍ଷେତ୍ରରେ ହୋଇଥିବା ବିକାଶ, ମହିଳା ଓ ଯୁବ ଚାଷୀମାନଙ୍କର ଆର୍ଥିକ ସ୍ଥିତି କିଭଳି ସୁଦୃଢ଼ ହୋଇପାରିଛି ତାହା ଅବଗତ କରାଇଥିଲେ। ସମବାୟ ସପ୍ତାହର ଶେଷ ଦିନରେ ଦାନପୁର ସେବା ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ସମିତି ତରଫରୁ ଏହି ରଥକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଦାନପୁର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଦାନପୁର ସମବାୟ ସମିତିର ସଭାପତି ପର୍ଶୁରାମ ମଲ୍ଲ, ସମ୍ପାଦକ ସୁବ୍ରତ ନାୟକ, ନିର୍ଦ୍ଦେଶକ ରଜତ ବଳ, ମଧୁସୁଦନ ଘଡ଼େଇ, ଅନାଥବନ୍ଧୁ ଜେନା, ସହ ସମ୍ପାଦକ ତନ୍ମୟ ବେହେରା, କର୍ମଚାରୀ ଉମେଶ ପରିଡ଼ା ଓ ଚାଷୀମାନେ ଉପସ୍ଥିତ ରହିଥିଲେ।

## କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ପ୍ରସ୍ତୁତି ବୈଠକ

**ଗୋବିନ୍ଦପୁର, ୨୦।୧୧(ସମିସ):** ଆଳି ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମର ସାଇମନ୍ଦିର ପରିସରରେ କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ଏକ ପ୍ରସ୍ତୁତି ବୈଠକ ସଭାପତି ସୁକାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମହାସଂଘର ଜିଲ୍ଲା ଉପଦେଷ୍ଟା ଧନେଶ୍ୱର ରାଉତ, ଜିଲ୍ଲା ସମ୍ପାଦକ ସୁମନ୍ତ ରାଉତ, ପର୍ଶୁରାମ ରାଉତ ରାୟ, ନାରାୟଣଚନ୍ଦ୍ର ଧଳ, ବିନୋଦ ପରିଡ଼ା, ରାଜେଶ ସ୍ୱାଇଁ, ନିରୋଦ ବିଶ୍ୱାଳ, ସୁରେଶ ଚନ୍ଦ୍ର ଜେନା, ପ୍ରମୋଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କ୍ଷତ୍ରିୟ ଖଣ୍ଡାୟତମାନଙ୍କ ଗୌରବ ଇତିହାସର ଗାରିମାମୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଡିସେମ୍ବର ମାସରେ ଏକ ବ୍ଲକସ୍ତରୀୟ ସମାବେଶ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସହଦେବ ସିଂ, ରାଜେନ୍ଦ୍ର ସ୍ୱାଇଁ, ଦୁର୍ଯ୍ୟୋଧନ ସାମଲ, ଅକ୍ଷୟ ବିଶ୍ୱାଳ, ନନ୍ଦ କିଶୋର ସାହୁ, କୃଷ୍ଣଚନ୍ଦ୍ର ପରିଡ଼ା, ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସଂଗଠନକୁ ସୁଦୃଢ଼ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି।

### ସାଇବର ଅପରାଧ

# ବଡ଼ ଅଧିକାରୀଙ୍କ ଆକାଉଣ୍ଟ ହେଉଛି ହ୍ୟାକ୍

**କେନ୍ଦ୍ରାପଡ଼ା, ୨୦।୧୧(ସମିସ):** ନିଜକୁ ଅବକାରୀ କମିଶନର ତଥା କେନ୍ଦ୍ରାପଡ଼ାର ପୂର୍ବତନ ଏସ୍‌ପି ନରସିଂହ ଭୋଳଙ୍କ ସାଙ୍ଗ କହି ସାଇବର ଅପରାଧୀ ଟଙ୍କା ଲୁଟି ନେଇଯାଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଖୋଦ୍ ଏସ୍‌ପି ଭୋଳଙ୍କ ଆକାଉଣ୍ଟକୁ ହ୍ୟାକ୍ କରାଯାଇଥିଲା। କମିଶନର ତଥା କେନ୍ଦ୍ରାପଡ଼ାର ପୂର୍ବତନ ଏସ୍‌ପିଙ୍କ ଫେସବୁକ ଆକାଉଣ୍ଟରେ ଥିବା ଜଣେ ବନ୍ଧୁଙ୍କୁ ମେସେଞ୍ଜର ଜରିଆରେ ଦୁର୍ବୃତ୍ତ ମେସେଜ ପଠାଇଥିଲା। କମିଶନରଙ୍କ ଆକାଉଣ୍ଟରୁ ମେସେଜ ଆସିଥିବାରୁ ଘଟଣାକୁ ବିଶ୍ୱାସ କରି ଜଣେ ସାଇବର ଅପରାଧର ଶିକାର ହୋଇଛନ୍ତି। ସୂଚନାନୁଯାୟୀ, ଟାଉନ ଥାନା ଅଧୀନ ଫକିରାବାଦର ବଡ଼ହାଟ ଅଞ୍ଚଳର ଅବଦୁଲ ସାଜିଦ ଖାଁ ସାଇବର ଠକେଇର ଶିକାର ହୋଇଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ଗତ ୨୦୧୧ ମସିହାରୁ ପୂର୍ବତନ ଏସ୍‌ପି ନରସିଂହ ଭୋଳଙ୍କ ଫେସବୁକରେ ସେ ଫ୍ରେଣ୍ଡ ଅଛନ୍ତି। ୧୮ ତାରିଖ ସକାଳ ୭ଟା ୫୩ ମିନିଟରେ ନରସିଂହଙ୍କ ଆକାଉଣ୍ଟରୁ ମେସେଞ୍ଜର ଜରିଆରେ ସେ ଏକ ମେସେଜ ପାଇଥିଲେ। ସେଥିରେ ନରସିଂହଙ୍କ ଜଣେ ବନ୍ଧୁ ସନ୍ତୋଷ କୁମାର ସିଆରପିଏଫ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଉଲ୍ଲେଖ ରହିଥିଲା। ତାଙ୍କର ଅନ୍ୟତ୍ର ବଦଳି ହୋଇଯିବାରୁ ଘରର ସମସ୍ତ ଆସବାବପତ୍ର କମ୍ ମୂଲ୍ୟରେ ବିକ୍ରୀ କରିଦେବେ

### ନିଜକୁ ଅବକାରୀ କମିଶନରଙ୍କ ସାଙ୍ଗ କହି ଲୁଟିନେଲା ଟଙ୍କା

ବୋଲି ଲେଖା ରହିଥିଲା। ଏହାପରେ ନିଜକୁ ଏସ୍‌ପିଙ୍କ ବନ୍ଧୁ ପରିଚୟ ଦେଇଥିବା ଦୁର୍ବୃତ୍ତ ଜଣଙ୍କ ସନ୍ତୋଷଙ୍କୁ ଅବଦୁଲଙ୍କ ମୋବାଇଲ ନମ୍ବର ଦେଇଥିଲେ। ଏହାପରେ ସେହିଦିନ ୯ଟା ୩୯ ମିନିଟରେ ସନ୍ତୋଷ ଫୋନ କରି ଏସ୍‌ପି ଆପଣଙ୍କ ନମ୍ବର ଦେଇଥିବା କହିଥିଲେ। ଆପଣ ସମସ୍ତ ଆସବାବପତ୍ର କିଣିବାକୁ ଇଚ୍ଛୁକ ବୋଲି କହିଥିଲେ। ଏହାପରେ ସମସ୍ତ ଆସବାବପତ୍ରର ସେ ଫଟୋ ପଠାଇଥିଲେ। ଟିଭି, ଫ୍ରିଜ, ଏସି, ବେଡ ଆଉ ସୋଫା ଭଳି ଇତ୍ୟାଦି ସାମଗ୍ରୀର ମୂଲ୍ୟ ୮୫ ହଜାର ବୋଲି କହିଥିଲେ। ଏନେଇ ମୂଲ୍ୟର ଅଧା ଟଙ୍କା ଅଗ୍ରୀମ ଦେବାକୁ ସନ୍ତୋଷ ଅବଦୁଲଙ୍କୁ କହିଥିଲେ। ଏହାପରେ ଅବଦୁଲ ୩୦ ହଜାର ଟଙ୍କା ଫୋନପେ ଜରିଆରେ ପଠାଇଥିଲେ। ପରେ ପରେ ସନ୍ତୋଷ ଏକ ମାଲ୍ ବୋଝେଇ ଟ୍ରକର ଫଟୋ ପଠାଇ ବଳକା ଟଙ୍କା ପଠାଇବାକୁ କହିଥିଲେ। ବିଶ୍ୱାସ କରି ଅବଦୁଲ ପୁଣିଥରେ ୫୫ ହଜାର ଟଙ୍କା ପଠାଇଥିଲେ। ପୁଣିଥରେ ସିକ୍ୟୁରିଟ୍ ଜମା ପାଇଁ ୧୫ ହଜାର ୫ ଶହ ଟଙ୍କା ମାଗିଥିଲେ। ଜିନିଷ ଘରେ ପହଞ୍ଚିଲା ପରେ ଉକ୍ତ ଟଙ୍କା ଫେରସ୍ତ କରାଯିବାକୁ ସନ୍ତୋଷ କହିଥିଲେ। ଅବଦୁଲଙ୍କ ସନ୍ଦେହ ହେବାରୁ ଅବକାରୀ କମିଶନର ନରସିଂହ ଭୋଳଙ୍କୁ ସିଧାସଳଖ ଫୋନ ଲଗାଇ ସମସ୍ତ କଥା ଜଣାଇଥିଲେ। ନରସିଂହ କେବେ ତାଙ୍କୁ ଯୋଗାଯୋଗ କରିନଥିବା ଆଉ ଘଟଣା ସମ୍ପର୍କରେ କିଛି ଜାଣିନଥିବା କହିବାରୁ ଅବଦୁଲ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

**ରାଜକନିକା, ୨୦।୧୧(ସମିସ):** ରାଜକନିକା ସଦର ଗଞ୍ଜା ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ସର୍ଟ ସର୍କିଟରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟା ସମୟରେ ଜାଗୁଲାଇପଡ଼ା ପଞ୍ଚାୟତ ଗଞ୍ଜା ଗ୍ରାମର ଘନଶ୍ୟାମ ମଲ୍ଲିକ ଓ ଭରତ ଚନ୍ଦ୍ର ମଲ୍ଲିକଙ୍କ ୪ ବଖରା ଘର ଅଗ୍ନିକାଣ୍ଡ ଘଟି ପିନ୍ଧାଲୁଗା ବ୍ୟତିତ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ସର୍ଟ ସର୍କିଟରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଖବର ପାଇ ରାଜକନିକା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଘନଶ୍ୟାମ ଓ ଭରତଙ୍କୁ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ‘ସଚେତନତା ହିଁ ଦୁର୍ଘଟଣା ରୋକିପାରିବ’



ଅନୁଗୋଳ, ୨୦।୧୧(ସମିସ): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନତା ହିଁ ଦୁର୍ଘଟଣା ରୋକିପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଭାରତ ସରକାରଙ୍କ ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ସହଯୋଗରେ ବିକଳ୍ପ ବିକାଶ-ଓଡ଼ିଶା ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ସଡକ ସୁରକ୍ଷାର କାରଣ ଓ ସଡକ ଦୁର୍ଘଟଣା କମାଇବା ନିମନ୍ତେ ସମସ୍ତଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା।

ଏମ୍‌ଭିଆଇ କେ ଦିବ୍ୟଜ୍ୟୋତି, ସମାଜ ବିଜ୍ଞାନୀ ସନ୍ତୋଷ ଦାଶ, ସରୋଜ ପ୍ରଧାନ, ଅଧ୍ୟାପିକା ରଶ୍ମିନନ୍ଦିତା ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାସ୍ତାରେ ଥିବା ବିଭିନ୍ନ ଖାଲଖମା, ପାଚେରୀ ବିହୀନ ପୋଲ ମରାମତି, ୧୮ ବର୍ଷରୁ କମ୍ ବୟସର ପିଲା ବିନା ଲାଇସେନ୍ସରେ ଗାଡି ନ ଚଲାଇବା, ଠିକ୍ ଓ ନିୟମିତ ହେଲ୍‌ମେଟ୍ ବ୍ୟବହାର, ଚାରିଚକିଆ ଓ ତଦୁର୍ଦ୍ଧ ଗାଡିରେ ଯାତ୍ରା କଲାବେଳେ ସିଟ୍‌ବେଲ୍ଟ ଲଗାଇବା, ମାଦକ ଦ୍ରବ୍ୟ ସେବନ କରି ଗାଡି ନ ଚଲାଇବା, ଦୁଇ ଚକିଆ ଯାନରେ ଦୁଇଜଣ ଅଧିକ ଯାତ୍ରା ନ କରିବା, ଗାଡି ଚଲାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ନ କରିବା, ଗାଡି ଚଲାଇବାବେଳେ ଗାଡିର ବ୍ରେକ୍, ହର୍ଣ୍ଣ, ଯନ୍ତ୍ରାଂଶ, ଟାୟାର ପ୍ରେସର ତନଖି କରିବା, ଗୃହପାଳିତ ପଶୁଙ୍କୁ ରାସ୍ତାକୁ ନ ଛାଡିବା, ଦ୍ରୁତ ବେଗରେ ଗାଡି ନ ଚଳାଇବା, ଓଭରଟେକ୍ କଲାବେଳେ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିବା, ଶାରୀରିକ ଓ ମାନସିକ ଅସୁସ୍ଥ ଥାଇ ଗାଡି ନ ଚଳାଇବା, ଅତ୍ୟଧିକ ବର୍ଷା, କୁହୁଡିଆ ପାଗରେ ଦ୍ରୁତବେଗରେ ଗାଡି ନ ଚଳାଇବା, ନିର୍ଦ୍ଧାରିତ ସଂଖ୍ୟା ଓ ଓଜନଠାରୁ ଅଧିକ ଯାତ୍ରୀ କିମ୍ବା ଜିନିଷ ପରିବହନ ନ କରିବା, ଟ୍ରାଫିକ୍ ନିୟମ ମାନି ସଡକର ଶୃଙ୍ଖଳିତ ବ୍ୟବହାର କରିବା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ‘ସଡକ ସୁରକ୍ଷା ଜୀବନ ରକ୍ଷା’ର ଶପଥ ନେଇଥିଲେ। ସନ୍ତୋଷ ଦାଶଙ୍କ ପରିଚାଳନା କରିଥିବାବେଳେ ହିମାଂଶୁ ଶେଖର ଖଡିରତ୍ନ ଅଧ୍ୟକ୍ଷତା କରିଥିଲେ। ବିଶ୍ୱମ୍ବର ସାହୁ ଓ ଅଶୋକ ଦାଶ ମ୍ୟାଜିକ୍ ମାଧ୍ୟମରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା



ଅନୁଗୋଳ, ୨୦।୧୧(ସମିସ): ଶ୍ରୀ ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡା ଓ ସଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ବୈରାଗୀଚରଣ ମହାରଣା ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଯଶୋବନ୍ତ ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସଚିଦାନନ୍ଦ ପାଢ଼ୀ, ଶ୍ରୀମନ୍ତ ସାହୁ, ରତ୍ନାକର ଦାସ, କ୍ଷୀରୋଦ ସାହୁ ଓ ଇଂରାଜୀ ଅଧ୍ୟାପିକା ଦୀପ୍ତିରେଖା ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଯୁବବର୍ଗ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ ସ୍ତରରେ ପ୍ରତିଯୋଗିତା, କାର୍ଯ୍ୟକଳାପ ଆୟୋଜନ କରାଯିବା ସହ ପରବର୍ତ୍ତୀ ସମୟରେ ଜିଲ୍ଲା ଓ ରାଜ୍ୟସ୍ତରରେ ଯୁବ ମହୋତ୍ସବ ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## କ୍ଷୀରୋଦ ସାହୁ ସମ୍ବର୍ଦ୍ଧିତ



ତାଳଚେର, ୨୦।୧୧ (ସମିସ): ତାଳଚେର ବାଇପାସ୍ ନିକଟସ୍ଥ ହୋଟେଲ୍ ଗ୍ରୀନପାର୍କରେ ତାଳଚେର ମିଡିଆ ପକ୍ଷରୁ କ୍ଷୀରୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ମହିଳା କଂଗ୍ରେସ୍ ସମ୍ପାଦିକା ଙ୍ଗ ସସ୍ମିତା ବେହେରା ଅତିଥି ଭାବେ ଯୋଗଦେଇ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଜାତୀୟ ରାଜପଥରୁ ଗୋରୁ ହଟାଇବାକୁ ଦାବି



ତାଳଚେର ସଦର, ୨୦।୧୧(ସମିସ): ତାଳଚେର ସହରରେ ଗୋରୁଗାଈ ଜାତୀୟ ରାଜପଥକୁ ଅବରୋଧ କରୁଛନ୍ତି। ଏହାଦ୍ୱାରା ବିଭିନ୍ନ ସମୟରେ ମଣିଷ ସହ ଗାଈଗୋରୁ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାଜପଥ ଉପରେ ବିଚରଣ କରୁଥିବା ଏହି ଗାଈଗୋରୁଙ୍କୁ ହଟାଇ ସେମାନଙ୍କୁ ଅନ୍ୟତ୍ର ନେବାକୁ ମାତୃଭୂମି ଫାଉଣ୍ଡେସନ ଟ୍ରଷ୍ଟ ଦାବି କରିଛି। ଟ୍ରଷ୍ଟର ସଭାପତି ବିଘ୍ନେଶ୍ୱର ସାହୁ, ବୃନ୍ଦାବନ ସାହୁ, ଜିତେନ୍ଦ୍ର ମହାପାତ୍ର, ସୋମନାଥ ସାହୁ, ପ୍ରକାଶ ଦାସ୍, ଅଜିତ୍ ନାୟକ ଓ କାଳିଆ ସାହୁ ପ୍ରମୁଖ ତାଳଚେର ଉପଜିଲ୍ଲାପାଳ ମନୋଜ ତ୍ରିପାଠୀ, ନଗରପାଳ ପବିତ୍ର ଭୂତିଆ ଓ ପୌରନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି।

## ଆନ୍ଦୋଳନ ଯୋଗୁଁ ରାସ୍ତାରେ ଟ୍ରକ୍ ଧାଡ଼ି



କଣିହାଁ, ୨୦।୧୧(ସମିସ): କଣିହାଁ ବ୍ଲକ ଏନ୍‌ଟିପିସି ବଜାର ମୁଖ୍ୟ ଛକରୁ ୫୩ ନଂ ରାଜପଥରେ ଗୋଡିବନ୍ଧ ପର୍ଯ୍ୟନ୍ତ ସଂଯୁକ୍ତ ରାସ୍ତାର ମରାମତି ଦାବିରେ ଆନ୍ଦୋଳନ ଜାରି ରହିଛି। ଏଣୁ ରାସ୍ତା ପାର୍ଶ୍ୱରେ ଶହ ଶହ ଟ୍ରକ୍ ଅଟକି ରହିଛି। ସାଂସଦ ମହେଶ ସାହୁଙ୍କ ଆହ୍ୱାନରେ ହରିହରପୁର ପଞ୍ଚାୟତ ନୂଆ ବଲଣ୍ଡାରେ ରାସ୍ତାର ଉନ୍ନତିକରଣ ଦାବିକୁ ନେଇ ଆନ୍ଦୋଳନ ହୋଇଛି। କଣିହାଁ ଅଞ୍ଚଳର ବିଭିନ୍ନ ପ୍ରକଳ୍ପକୁ କୋଇଲା ଓ ଆଶପଣ୍ଡରୁ ଆଶ୍ ପରିବହନ କରୁଥିବା ଶହ ଶହ ଟ୍ରକ୍ ଚାଲିଛି। ଏଥିଯୋଗୁଁ ଛୋଟବଡ ଦୁର୍ଘଟଣା ଘଟୁଛି। ଯେ ପର୍ଯ୍ୟନ୍ତ ରାସ୍ତାର ମରାମତି ଆରମ୍ଭ ସହିତ କୋଇଲା ଓ ପାଉଁଶ ପରିବହନ ଟ୍ରକ୍‌ରେ ପାଲ ଘୋଡାଇ ନେବାର ପ୍ରତିଶ୍ରୁତି ନ ମିଳିଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସାଂସଦଙ୍କ ପ୍ରତିନିଧି ସୁନିଲ୍ ପ୍ରଧାନ କହିଛନ୍ତି। ଏମ୍‌ପିଙ୍କ କଣିହାଁ ବ୍ଲକ ପ୍ରତିନିଧି ନିର୍ମଳ ସାହୁ, କଣିହାଁ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ସରପଞ୍ଚ ଦୀପ୍ତିମୟୀ ପ୍ରଧାନ, ବିଜେଡି ନେତା ମୂରଲୀଧର ସାହୁ, କ୍ଷୀରସିନ୍ଧୁ ସେଠୀ, ବିଜୟାନନ୍ଦ ପ୍ରଧାନ, କୀର୍ତ୍ତନ ସାହୁ, ଯୁବ ନେତା ସୌଭାଗ୍ୟ ପ୍ରଧାନ ପ୍ରମୁଖ ଏହାକୁ ସମର୍ଥନ କରିଛନ୍ତି।

## ଓପି ଜିନ୍ଦଲ ସ୍କୁଲରେ ନବମ ପୁସ୍ତକମେଳା



ଅନୁଗୋଳ, ୨୦।୧୧(ସମିସ): ଓପିଜିନ୍ଦଲସ୍କୁଲଅନୁଗୋଳପରିସରରେ ୯ମପୁସ୍ତକମେଳା ୪ ଦିନ ଧରି ଆୟୋଜିତ ହୋଇଯାଇଛି। ଏହି ପୁସ୍ତକ ମେଳାକୁ ଅନୁଗୋଳ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମେଜର ଧନେଶ୍ୱର ଦାସ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡ. ସୋନାଲି ବାସୁ ଛାତ୍ରଛାତ୍ରୀଙ୍କୁ ଜୀବନ ବ୍ୟାପୀ ପୁସ୍ତକ ପଠନର ଅଭ୍ୟାସ ନିୟମିତ କରିବା ନିମନ୍ତେ ପରାମର୍ଶ ଦେବା ସହ ଭଲ ପୁସ୍ତକ ଚୟନ ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଥିଲେ। ପୁସ୍ତକ ହିଁ ଜ୍ଞାନର ସାକାର ପ୍ରକାଶ ବୋଲି କହିଥିଲେ।

## ଲେଖିକା ଗାୟତ୍ରୀ ସିଂହ ସମ୍ମାନିତ



ଆଠମଲ୍ଲିକ, ୨୦।୧୧(ସମିସ): ଆଠମଲ୍ଲିକର ସାରସ୍ୱତ ସାଧିକା ଗାୟତ୍ରୀ ସିଂହଙ୍କୁ ଯାଜପୁରସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ସାହିତ୍ୟ ସୃଜନୀ ଓ ରୋଟାରୀ କ୍ଲବ୍ ଅଫ ରାଜଧାନୀ ଭୁବନେଶ୍ୱର ପକ୍ଷରୁ ସାହିତ୍ୟ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍‌ରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ରୋଟାରିଆନ ତଥା ନେହରୁ ଯୁବ କେନ୍ଦ୍ରର ଉପ ନିର୍ଦ୍ଦେଶକ ଅଶୋକ ଦାସ, ରୋଟାରୀ କ୍ଲବ୍ ଅଫ ରାଜଧାନୀର ସଭାପତି ରୁଦ୍ର ପ୍ରସାଦ ମହାପାତ୍ର ପ୍ରମୁଖ ଶ୍ରୀମତୀ ସିଂହଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବ୍ରାହ୍ମଣୀରେ ଛଟ୍ ପୂଜା

ତାଳଚେର, ୨୦।୧୧(ସମିସ): ତାଳଚେରର ବ୍ରାହ୍ମଣୀ ନଦୀ ଘାଟରେ ହଜାର ହଜାର ବିହାରୀ ଓ ପୂର୍ବ ଉତ୍ତରପ୍ରଦେଶର ମହିଳାମାନେ ଛଟ୍ ପର୍ବ ପାଳନ କରୁଛନ୍ତି। ଉଦୟ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ପାଇଁ ବ୍ରାହ୍ମଣୀ ନଦୀରେ ସେମାନଙ୍କ ଭିଡ ଜମିଥିଲା।

## ଚକବନ୍ଦୀ ରେକର୍ଡ ଉଚ୍ଛେଦ ଦାବିରେ ଧାରଣା ଜାରି

ଅନୁଗୋଳ, ୨୦।୧୧(ସମିସ): ଅନୁଗୋଳ ଜିଲ୍ଲାର ୯୨ଖଣ୍ଡ ମୌଜାର ଚାଷୀଙ୍କ ଉପରେ ଜବରଦସ୍ତ ଲଦି ଦିଆଯାଇଥିବା ଚକବନ୍ଦୀ ଆଇନକୁ ଉଚ୍ଛେଦ କରିବା ପାଇଁ ଚାଷୀଙ୍କ ଆନ୍ଦୋଳନ ଜାରି ରହିଛି। ୧୯୭୨ରେ ଚକବନ୍ଦୀ କାର୍ଯ୍ୟକ୍ରମ ଅନୁଗୋଳର ୯୨ଖଣ୍ଡ ଗ୍ରାମରେ କାର୍ଯ୍ୟକାରୀ କରି ୧୯୮୨ରେ ଏହାର ଶେଷ ହୋଇଥିଲା; କିନ୍ତୁ ପ୍ରତ୍ୟକ୍ଷ ଜମି ଉପରେ ପ୍ରଜାଙ୍କୁ କୌଣସି ଚିହ୍ନଟ ବା ଦଖଲ ମିଳି ନ ଥିଲା। ଜବରଦସ୍ତ ପ୍ରଜାଙ୍କ ମଧ୍ୟରେ ଚକବନ୍ଦୀ ପଟ୍ଟା ବଣ୍ଟନ ହୋଇଥିଲା। ସେ କାଳରୁ ପ୍ରଜାମାନେ ଚକପଟ୍ଟା ପ୍ରାପ୍ତ ହୋଇଥିଲେ ହେଁ ପିତୃପୁରୁଷ କ୍ରମରେ ଶାବକ ଦଖଲରେ ରହିଆସିଛନ୍ତି। ତେଣୁ କୌଣସି କମ୍ପାନୀ କିମ୍ବା ସରକାର ଜମି ଅଧିଗ୍ରହଣବେଳେ ଚକବନ୍ଦୀ ରେକର୍ଡ (ହାଲ୍ ରେକର୍ଡ) ଅନୁସାରେ କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏହାଦ୍ୱାରା ଶାବକ ପ୍ରଜା ନିଜର ଜମି ହରାଉଛନ୍ତି। କୁରୁଡୋଲ, କରବେରଣୀ, ଅନୁାଗୋଳ, ଭୋଗବେରଣୀ, ବେଡାସର, ମଝିକା ଆଦି ଅଞ୍ଚଳର ଲୋକେ ଏପରି ଦୁର୍ଦ୍ଦଶା ଭୋଗୁଛନ୍ତି। ନାଲ୍‌କୋ ଓ ରେଲୱେ ଦ୍ୱାରା ଅଧିଗୃହିତ ଗ୍ରାମର ହାଲ୍ ରେକର୍ଡଧାରୀ କ୍ଷତିପୂରଣ ଓ ଚାକିରୀ ପାଇଛନ୍ତି। ଅପରପକ୍ଷେ ଶାବକ ଦଖଲକାରୀ ନିଜର ଜମିସବୁଦିନ ପାଇଁ ହରାଇଛି।




ହାଲ୍ ରେକର୍ଡଧାରୀ ନିଜର ଶାବକ ଜମିର ଦଖଲରେ ଅଛନ୍ତି। ୧୯୮୨ ପରଠାରୁ ଅଦ୍ୟାବଧି ଏ ସମସ୍ୟାକୁ ପ୍ରଶାସନକୁ ଅବଗତ କରାଯାଇଛି; ହେଲେ କୌଣସି ଲାଭୁ ହେଉନି। ବଂଶଧରଙ୍କ ପାଖରେ ଆଉ ଜମି ରହିବନାହିଁ। ଜମି ରେକର୍ଡଧାରୀମାନେ ଜମି ମାଫିଆଙ୍କ କବଜାରେ ରହି ପ୍ରଶାସନିକ ଅଧିକାରୀଙ୍କ ସହ ମିଶି ପଞ୍ଜିକରଣ କରାଇ ନେଇଯାଉଛନ୍ତି। ତେଣୁ ଏହି ଚକ ରେକର୍ଡ ଉଚ୍ଛେଦ କରିବା ପାଇଁ ଅନୁଗୋଳ ସହରରେ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଗଣଧାରଣା ଚାଲୁ ରହିଛି। ଚକବନ୍ଦୀ ଉଚ୍ଛେଦ ନ ହେବା ପର୍ଯ୍ୟନ୍ତ ଏ ଧାରଣା ଅବ୍ୟାହତ ରହିବ ବୋଲି ଅନୁଗୋଳ ଚାଷୀ ସୁରକ୍ଷା କମିଟିର ସଭାପତି ପ୍ରଦୀପ ପ୍ରଧାନ ପ୍ରକାଶ କରିଛନ୍ତି।

## ହିଙ୍ଗୁଳା ପାଠାଗାର ପକ୍ଷରୁ ଆନ୍ତର୍ଜାତିକ ଶିଶୁ ଦିବସ

ତାଳଚେର, ୨୦।୧୧(ସମିସ): ତାଳଚେର ବ୍ଲକ କଳମଛୁଇଁ ଗ୍ରାମସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା’ ହିଙ୍ଗୁଳା ପାଠାଗାର ପକ୍ଷରୁ ଆନ୍ତର୍ଜାତିକ ଶିଶୁ ଦିବସ ସ୍ଥାନୀୟ ହିଙ୍ଗୁଳା ନୋଡାଲ ହାଇସ୍କୁଲରେ ପାଳନ କରାଯାଇଛି। ପାଠାଗାରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ବିଭୂତି ଭୂଷଣ ସାହୁ, ସମ୍ମାନୀତ ଅତିଥି ଭାବେ ପାଠାଗାରର ସଭାପତି ହାଡିବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ଦୟାନିଧି ସାହୁ ଓ ଉପଦେଷ୍ଟା ପ୍ରଭାକର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ପାଠାଗାର ପକ୍ଷରୁ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ‘ଆମ କୁନାକୁନି’ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ନନ୍ଦିନୀ ବେହେରା, ଅନୁପମା ବଳ ଓ ସୁଦେଷ୍ଣା ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ପାଠାଗାରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ତ୍ରିଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ପୁରୁଷୋତ୍ତମ ମହାନ୍ତି, ତ୍ରିଲୋଚନ ପ୍ରଧାନ, ଚିନ୍ମୟୀ ପ୍ରଧାନ, ଅନୁପମା ବଳ, ନନ୍ଦିନୀ ବେହେରା, ତାପସ ଭୁକ୍ତା, ସର୍ବେଶ୍ୱର ଗଡ଼ନାୟକ, ଅରୁଣ ବେହେରା, ସୁବାସଚନ୍ଦ୍ର ସ୍ୱାଇଁ, ରାଜକିଶୋର ସାହୁ ଓ ଗୋପବନ୍ଧୁ ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଛାତ୍ରଛାତ୍ରୀଙ୍କ ବିଶ୍ୱ ଯୁବକେନ୍ଦ୍ର କ୍ଷେତ୍ର ପରିଦର୍ଶନ

କିଶୋରନଗର, ୨୦।୧୧(ସମିସ): ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟ ନୃତତ୍ୱ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ବାଣିନାଳୀ ବିଶ୍ୱ ଯୁବ କେନ୍ଦ୍ରର କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିଛନ୍ତି। କିଶୋରନଗର ବ୍ଲକରେ ପରିଚାଳିତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧୀନ ଚମ୍ପାପୁର ଓ ଗୁରୁଜାଙ୍ଗ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସହାୟତାରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଜଙ୍ଗଲ ସୁରକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ସେମାନଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ, କୃଷି, ଜଳ ସେଚନ, ଗ୍ରାମ୍ୟରାସ୍ତା, ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ, ମହିଳା ସହଭାଗିତା ଓ ଅଣୁ ଯୋଜନା ବିଷୟରେ ସେମାନେ ଶିକ୍ଷା ଅର୍ଜନ କରଥିଲେ। ଚମ୍ପାପୁର ବନ ସଂରକ୍ଷଣ ସମିତିର ସଭାନେତ୍ରୀ ଦୁତିକା ବେହେରା ଓ ଗୁରୁଜାଙ୍ଗ ବନ ସଂରକ୍ଷଣ ସମିତିର ସଭାପତି ଗୌରଚନ୍ଦ୍ର ସାହୁ ଓ ସଭ୍ୟ ସଭ୍ୟାମାନେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ବିଶ୍ୱ ଯୁବ କେନ୍ଦ୍ରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ସଚେତନତା କରାଯାଇଥିଲା। ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ଲୋକଭିମୁଖୀ ଯୋଜନା ଯଥା ବନୀକରଣ ଓ ଜଙ୍ଗଲ ସୁରକ୍ଷା, କୃଷି ଯୋଜନା, ମିଲେଟ ମିଶନ, ପାନୀୟ ଜଳ ମିଶନ, ଶିଶୁ ସୁରକ୍ଷା, ଷ୍ଟାର ସ୍କୁଲ କାର୍ଯ୍ୟକ୍ରମ, ପଞ୍ଚାୟତ ପ୍ରତିନିଧିଙ୍କ ତାଲିମ କାର୍ଯ୍ୟକ୍ରମ ଓ କୃଷକଙ୍କ ପାଇଁ ନିଆଯାଉଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା। ବିଶ୍ୱ ଶୌଚାଳୟ ଦିବସ ଉପଲକ୍ଷେ ଚମ୍ପାପୁର, ଗୁରୁଜାଙ୍ଗ ଓ ବିଶ୍ୱ ଯୁବ କେନ୍ଦ୍ରଠାରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଶୌଚାଳୟର ବ୍ୟବହାର, ସମସ୍ତଙ୍କ ପାଇଁ ଶୌଚାଳୟ, ହାତ ସଫା ରଖିବା କୌଶଳ ଓ ଯୁବ ଗୋଷ୍ଠୀର ଭୂମିକା ଉପରେ ଆଲୋଚନା କରାଯଇଥିଲା। ତାଳଚେର କଲେଜର ଅଧ୍ୟାପକ ନବ କିଶୋର ମହାପାତ୍ର ଓ ଅଧ୍ୟାପିକା ଶାସ୍ୱତୀ ମିଶ୍ର ଓ ଖ୍ରୀଷ୍ଟିନା ନିମାଙ୍କ ସମେତ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର କାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନର କର୍ମୀ ଅମୀୟ ରଞ୍ଜନ ରାଉଳ, ମନଗଡୁ ଯୁଆଡ଼ି, ବିନିତା ତୀର୍କୀ, ଅଭୟଚରଣ ସ୍ୱାଇଁ, ଜ୍ୟୋସ୍ନିତା ପ୍ରଧାନ, ବିଶ୍ୱଜିତ ଦାଶ ଓ ଅଭିଷେକ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




## ଶିକ୍ଷକ ଅଭାବ ନେଇ ପିତାବଳୀ ସ୍କୁଲରେ ତାଲା

- ବ୍ଲକ ଅଫିସରେ ଧାରଣାରେ ବସିଲେ ଛାତ୍ରଛାତ୍ରୀ, ଅଭିଭାବକ
- ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ଉପଜିଲ୍ଲାପାଳ

କିଶୋରନଗର, ୨୦।୧୧(ସମିସ): ଅନଗୋଳ ଜିଲ୍ଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତର ପିତାବଳୀ ଗରୁଡ ପ୍ରାଥମିକ ସ୍କୁଲରେ ଶିକ୍ଷକ ଅଭାବ ନେଇ ଏବେ ସ୍କୁଲରେ ଅଚଳାବସ୍ଥା ଦେଖା ଦେଇଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି। ଏହି ସ୍କୁଲରେ ୨୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି; ହେଲେ ଏହି ସ୍କୁଲରେ ୨ଜଣ ଶିକ୍ଷକ ରହିବା ଜାଗାରେ ମାତ୍ର ଜଣେ ଶିକ୍ଷକ ଅଛନ୍ତି। ସେହି ଜଣେ ଶିକ୍ଷକ ମଧ୍ୟ ସ୍କୁଲକୁ ଆସୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ବିଭାଗକୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦୃଷ୍ଟି ଆକର୍ଷଣ କଲାପରେ ମଧ୍ୟ କୌଣସି ସୁଫଳ ମିଳୁନି। ଶେଷରେ ବ୍ଲକ ଅଫିସ ସମ୍ମୁଖରେ ଛାତ୍ରଛାତ୍ରୀ, ଅଭିଭାବକମାନେ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ ଉପଜିଲ୍ଲାପାଳ ଜିତେନ୍ଦ୍ର ପାତ୍ର ଆସି ଅଭିଭାବକମାନଙ୍କୁ ବୁଝାସୁଝା କରିଥିଲେ। ୨ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ଧାରଣା ସ୍ଥଳରୁ ହଟିଥିଲେ।



## ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ପାଲଲହଡ଼ା ଗସ୍ତ

**ପାଲଲହଡ଼ା,୨୦।୧୧(ସମିସ):** ସୋମବାର ଦିନିକିଆ ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ କିଛି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ମନ୍ତ୍ରୀ ପବିତ୍ରପୁର ପଞ୍ଚାୟତର ବନବିରା ପାହାଡ଼ରୁ ପରା ରାସ୍ତା କାମ ଲାଗି ଶିଳାନ୍ୟାସ କରିଥିଲେ। ପରେ ବାଲିପଶି ପଞ୍ଚାୟତ ମିଶନ ଶକ୍ତି ଗୃହ ଏବଂ ଫପଣ୍ଡ ପ୍ରାଥମିକ ବିଦ୍ୟାଳୟର ଗୃହର ଉଦ୍‌ଘାଟନ କରିଥିଲେ। ଏହାପରେ ପାଲଲହଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’କୁଣ୍ଡେଇବିରାଙ୍କୁ ଦର୍ଶନ କରିଥିଲେ। ସେହିଭଳି ଖୁଲୁଡ଼ିରେ ଥିବା ବାବା ଗିରିଶ୍ୱର ଶୈବପୀଠରେ ୪୦ ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ଇନ୍ଦ୍ରାଣୀ ହେମ୍ବ୍ରମ, ବୁଧୁରାମ ବୋଇପାଇ, ପୂର୍ବତନ ବ୍ଲକ ଅଧକ୍ଷ ନବକିଶୋର ନାୟକ, ଦିଲ୍ଲୀପ ଉଦଓବଳ, ସରପଞ୍ଚ ରମେଶ ପ୍ରଧାନ, ଙ୍କ ସହ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।



### ବ୍ଲକ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣା

## ୨୩ ବିଜେପି ନେତା, କର୍ମୀଙ୍କ ବିରୋଧରେ ଏତଲା

**ପାଲଲହଡ଼ା, ୨୦।୧୧(ସମିସ)**

ପାଲଲହଡ଼ା ବିଡିଓଙ୍କ କାର୍ଯ୍ୟାଳୟରେ ବିଜେପି କର୍ମୀ ଓ ନେତା ଭଙ୍ଗାରୁଜା କରିଛନ୍ତି। ଏ ନେଇ ବିଡିଓ ଦିଲୀପ ବାଡା ପାଲଲହଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଜେପି ବରିଷ୍ଠ ନେତା ଅଶୋକ ମହାନ୍ତି, ଲିଙ୍ଗରାଜ ଦାଶ, ସୌମ୍ୟରଂଜନ ପ୍ରଧାନଙ୍କ ସମେତ ଅନ୍ୟ ୨୦ ଜଣ ବିଜେପି କାର୍ଯ୍ୟକର୍ତ୍ତା ଭଙ୍ଗାରୁଜା କରିବା ସହ ଆତଙ୍କ ସୃଷ୍ଟି କରିଥିବା ଦର୍ଶାଇ ବିଡିଓ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ପାଲଲହଡ଼ା ଥାନା ଅଧିକାରୀ ପରାଓ ଟୁଡୁ କହିଛନ୍ତି ଯେ, ତଦନ୍ତ ଚାଲିଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଶନିବାର ଶତାଧିକା ବିଜେପି ନେତା, କର୍ମୀ ବ୍ଲକ ଅଫିସ ଘେରଉ କରିଥିଲେ। ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ସେମାନେ ଅପେକ୍ଷା କରିଥିଲେ; ମାତ୍ର ବିଡିଓ ଉପସ୍ଥିତ ନ ଥିବାରୁ ଆସି ପାରି ନ ଥିଲେ। ଏଥିରେ ରାଗିଯାଇ ବିଜେପି କର୍ମୀ ବିଡିଓଙ୍କ କାର୍ଯ୍ୟାଳୟରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ପୁଲିସ ଉପସ୍ଥିତ ଥିଲେ ଏମାନେ ଆତଙ୍କ ଚଳାଇଥିଲେ। ଏଭଳିକି ବିରୋଧ କରିବାକୁ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଧସ୍ତାଧସ୍ତି କରିଥିଲେ। ବ୍ଲକ ଅଫିସ ପରିସରରେ ଏହିଭଳି ସେମାନେ ଗୁଣ୍ଡାରାଜ ଚଳାଇଥିଲେ। କ୍ଷଣକରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଇଥିଲେ; ମାତ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀ ମଧ୍ୟ ମଧ୍ୟାହ୍ନ ବିରତିରେ ଥିବାରୁ ଏମାନେ ଅଧିକ ଉତ୍‌କ୍ଷିପ୍ତ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ମଧ୍ୟ କବ୍‌ଜା କରିଥିଲେ। ପରେ ଉପଜିଲ୍ଲାପାଳ ସୁଶାନ୍ତ ପତି ପୁଲିସ ସହାୟତାରେ ଦାବିପତ୍ର ଗ୍ରହଣ କରିଥିଲେ।

### ● ଜାତୀୟ ରାଜପଥକୁ ବ୍ୟବହାର ଉପଯୋଗୀ କରିବାକୁ ଆନ୍ଦୋଳନ ଜାରି

## ଟ୍ରକ୍ ଲମ୍ବାଧାଡ଼ି ଯୋଗୁ ଟ୍ରାଫିକ୍ ସମସ୍ୟା ଜଟିଳ



**ତାଳଚେର ସଦର, ୨୦।୧୧(ସମିସ):** ତାଳଚେର ଉପଖଣ୍ଡ କଣିହାଁଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ୧୪୯ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ସମେତ ତାଳଚେର ସହର ଦେଇ ଚାଇଁପାଳ ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ ମରଣଯନ୍ତା ସାଜିଛି। ଏହାର ମରାମତି ଲାଗି ଆନ୍ଦୋଳନ ଚାଲଇଛି। ଏହା ଫଳରେ କଣିହାଁରୁ ଗୋଡ଼ିବନ୍ଧ ଓ ଗୋଡିବନ୍ଧରୁ ତାଳଚେର ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ସଂଖ୍ୟକ ଟ୍ରକ୍ ଠିଆ ହୋଇଛି। ଏହା ଫଳରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡ଼ିଛି। ଏହି ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ଏଥିପ୍ରତି ସମ୍ପୃକ୍ତ ରାଷ୍ଟ୍ରାୟତ୍ତ ସଂସ୍ଥା ନା ପ୍ରଶାସନ ନା ଏନ୍‌ଏଚ୍‌ଆଇ କେହି ହେଲେ ସାମାନ୍ୟତମ ଦୃଷ୍ଟି ଦେଉ ନାହାନ୍ତି।

## ବୈଷୟିକ ତାଲିମ ନେଇ ଦିନ ଧାର୍ଯ୍ୟ

**ଅନୁଗୋଳ, ୨୦।୧୧(ସମିସ):** ଓଡ଼ିଶା ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ଦ୍ୱାରା ଇଚ୍ଛୁକ ବାଳିକା ଓ ବାଳକଙ୍କୁ ଉଚ୍ଚତର ତାଲିମ ଦିଆଯିବ। ଆଇଟିଆଇ ଏବଂ ପଲିଟେକନିକ୍ ସଂସ୍ଥା ସହ ଅନ୍ୟାନ୍ୟ ତାଲିମ ପ୍ରଦାନକାରୀ ସଂସ୍ଥା ସହଯୋଗରେ ଏହି ତାଲିମ ଦିଆଯିବ। ଅନୁଗୋଳ ଜିଲ୍ଲାର ବିଭିନ୍ନ ବ୍ଲକର ପ୍ରାର୍ଥୀ ସେମାନଙ୍କ ଶିକ୍ଷାଗତ ପ୍ରମାଣ ପତ୍ର, ଆଧାର କାର୍ଡ ଓ ଫଟୋ ସହ ଏଥିପାଇଁ ବିଭିନ୍ନ କେନ୍ଦ୍ରରେ ଯୋଗାଯୋଗ କରିବେ। ଡିସେମ୍ବର ୧ରେ ବଅଁରପାଳ ବ୍ଲକ, ଡିସେମ୍ବର ୪ରେ ତାଳଚେର ବ୍ଲକ, ୬ ତାରିଖରେ ଆଠମଲ୍ଲିକ ବ୍ଲକ, ୮ରେ ଛେଣ୍ଡିପଦା ବ୍ଲକ, ଡିସେମ୍ବର ୨ରେ କଣିହାଁ ବ୍ଲକ, ୪ରେ ପାଲଲହଡ଼ା ବ୍ଲକ, ୭ରେ କିଶୋରନଗର ବ୍ଲକ ଏବଂ ୧୧ ତାରିଖରେ ଅନୁଗୋଳ ବ୍ଲକ ପରିସରରେ ଏହି ଶିବିର ଅନୁଷ୍ଠିତ ହେବ। ଜିଲ୍ଲା କର୍ମ ନିଯୋଜନ ସଂସ୍ଥା ପକ୍ଷରୁ ଏହି ସୂଚନା ମିଳିଛି।

## ଐତିହ୍ୟ ପଦଯାତ୍ରା; ଶୈବପୀଠ ପଶ୍ଚିମେଶ୍ୱର ମନ୍ଦିର ପରିଦର୍ଶନ

**ଢେଙ୍କାନାଳ, ୨୦।୧୧(ସମିସ):** ଢେଙ୍କାନାଳ ସଦର ମହକୁମାଠାରୁ ୨୦ କିଲୋମିଟର ଦୂରତାରେ ଥିବା ପଶ୍ଚିମେଶ୍ୱର ମନ୍ଦିରକୁ ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାରପାଇଁ ସମର୍ପିତ ଐତିହ୍ୟ ପଦଯାତ୍ରା ପରିଦର୍ଶନ କରିଥିବା ଜଣାପଡ଼ିଛି। ପୂଜକ ମହେଶ୍ୱର ରଣା ପଶ୍ଚିମେଶ୍ୱର ମନ୍ଦିରର ଇତିହାସ ଏବଂ ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ। ଏଠାରେ ଠାକୁର ପଙ୍ଗୁ ଭକ୍ତଠାରୁ ଗୀତ ଗୋବିନ୍ଦ ଶୁଣିବା ଲୋଭରେ ପଶ୍ଚିମ ଦିଗକୁ ମୁହଁ ବୁଲାଇ ଦେଇଥିଲେ। ସେବେ ଠାରୁ ଏହି ମନ୍ଦିରର ମୁହଁ ପଶ୍ଚିମ ଦିଗକୁ ହୋଇଛି ବୋଲି କିମ୍ବଦନ୍ତିରୁ ଜଣାପଡ଼ିଛି। ଇତିହାସ ଅନୁସାରେ ଏହାରେ ପୂର୍ବରୁ ଏକକ୍ଷୁଦ୍ର ମନ୍ଦିରରେ ଶିବ ପୂଜା ପାଉଥିଲେ। ଢେଙ୍କାନାଳର ପୂର୍ବତନ ରାଜା ଦୀନବନ୍ଧୁ ମହେନ୍ଦ୍ର ବାହାଦୂର୧୮୭୭-୮୫ଙ୍କ ସମୟରେ ବର୍ତ୍ତମାନର ମନ୍ଦିରଟି ନିର୍ମାଣ କରାଯାଇଥିଲା। ପ୍ରାୟ ୬୦ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରଟି କଳିଙ୍ଗ ଉତ୍କଳ ଶୈଳୀରେ ନିର୍ମିତ ପୀଢ ଦେଉଳ, ଯାହାର ମୁଖଶାଳାଟି ବୋଇତାଳ ଶୈଳୀରେ ନିର୍ମିତ ହୋଇଛି। ମାତ୍ର ପଶ୍ଚିମେଶ୍ୱର ମନ୍ଦିରର ପ୍ରମୁଖ ଆକର୍ଷଣ ହେଉଛି ପଛ ପାର୍ଶ୍ୱରେ ଥିବା ଅଷ୍ଟମ ଶତାବ୍ଦୀର ଶୁଲ୍କୀ ଶାସନ ସମୟରେ ନିର୍ମିତ ଦୁଇଟି କ୍ଷୁଦ୍ର ମନ୍ଦିର। ସଦ୍ଦେଶ୍ୱର ଏବଂ ସିଦ୍ଧମହେଶ୍ୱର ନାମରେ ପରିଚିତ ଏବଂ ଏହି ମନ୍ଦିର ଦୁଇଟି ପ୍ରତ୍ନତତ୍ତ୍ୱ ବିଭାଗର ଦ୍ୱାରା ସଂରକ୍ଷିତ ରହିଛି। ସୁନ୍ଦରକାରୁକାର୍ଯ୍ୟ ଖଚିତ ଏହି ସିଦ୍ଧେଶ୍ୱର ମନ୍ଦିରରେନବଗ୍ରହ ବଦଳରେ ଅଷ୍ଟଗ୍ରହ ରହିଥିବାର ଦେଖିବାକୁ ମିଳିଥାଏ। ଏହାରର ପରିସରରେ ଥିବା ସହସ୍ରଲିଙ୍ଗଟି ଅନ୍ୟତମ ଆକର୍ଷଣ ଭାବରେ ରହିଛି। ପଶ୍ଚିମେଶ୍ୱର ମନ୍ଦିର ଓଡ଼ିଶାର ଶୈବ ଉପାସନାର ଏକ ପ୍ରମୁଖ ପ୍ରାଚୀନ କିର୍ତ୍ତୀ ଭାବରେ ପରିଚିତ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଅଷ୍ଟମ ସଂସ୍କରଣ ଅଧାପକ ସୁରେଶ ମିଶ୍ରଙ୍କ ଆବାହକତ୍ୱରେ ଇତିହାସଅଧାପକ ମଳୟ ପତି, ଶିକ୍ଷାବିତ ବିପିନ ପାଣି, ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ସୁନିତା ମହାପାତ୍ର, ପ୍ରଶାନ୍ତ ତ୍ରିପାଠୀ, ବଦ୍ରିନାଥ ଜେନା, ରମେଶ ପତି, ନାରାୟଣ ପଟ୍ଟନାୟକ, ଦେବପ୍ରୀତି ପତି, ପ୍ରଶାନ୍ତ ଜେନା, ଦେବାଶିଷ ସେନାପତି, ବିଶ୍ୱଜିତ ଶତପଥୀ, ଜନ୍ମେଜୟ ରାଉତ ପ୍ରମୁଖ ମନ୍ଦିର ପରିଦର୍ଶନକରିବା ସହିତ ଐତିହ୍ୟ ପଦଯାତ୍ରାରେ ଅଂଶ ଗ୍ରହଣ କରିଥିଲେ।




## ଦ୍ୱିତୀୟ ବ୍ରାହ୍ମଣୀ ସେତୁ ପାଇଁ ଦାବି



**ତାଳଚେର ସଦର, ୨୦।୧୧(ସମିସ):** ତାଳଚେର ସହର ମଧ୍ୟ ଦେଇ ଯାଇଥିବା ୧୪୯ନମ୍ବର ଜାତୀୟ ରାଜପଥରେ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ଭାରୀଯାନ ଚଳାଚଳ କରୁଛି। ଏଥି ଯୋଗୁଁ ପ୍ରତ୍ୟେକ ଦିନ କିଛି ନା କିଛି ଅଘଟଣ ଘଟୁଛି। ଲହି ରାସ୍ତାରେ ଧୂଳିଧୂଆଁ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ଏହାକୁ ନଜରରେ ରଖି ତାଳଚେର ରାଜବାଟି ନିକଟସ୍ଥ ମାଙ୍କକେନ୍ଦାରେ ଦ୍ୱିତୀୟ ବ୍ରାହ୍ମଣୀବ୍ରିଜ୍ ନିର୍ମାଣ କରିବା ନେଇ ଖଣି ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଢେଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରମୁଖ ଭିତ୍ତିପ୍ରସ୍ତର ସ୍ଥାପନ କରିବା ୨ବର୍ଷ ହେବ ହୋଇଗଲାଣି। ଏ ନେଇ ନାବାର୍ଡ ପକ୍ଷରୁ ପ୍ରାୟ ଶହେ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାର ଟେଣ୍ଡର ପ୍ରକ୍ରିୟା ସରିଛି। ଏଣୁ ତୁରନ୍ତ କାମ ଆରମ୍ଭ କରିବାକୁ ଲୋକଙ୍କ ପକ୍ଷରୁ ଦାବି ହେଉଛି। ଏହି ବ୍ରିଜ୍‌ଟି ନିର୍ମାଣ କରାଗଲେ ୧୪୯ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଲାଘବ ହେବ। ଏହାସହ ଧୂଳିଧୂଆଁରୁ ଲୋକେ ନିସ୍ତାର ପାଇବେ। ତାଳଚେରରୁ ଢେଙ୍କାନାଳ ଦୂରତା କମିବ।







ବ୍ଲକସ୍ତରୀୟ ବିଜ୍ଞାନ ମେଳା

# ଭାଗନେଲେ ୧୧୦ଜଣ ଛାତ୍ରଛାତ୍ରୀ




**ମାର୍ଥାପୁର, ୨୦।୧୧(ସମିସ):** ଭୁବନ ବ୍ଲକ ପଳାଶପିଠିଆ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ପ୍ରଦୀପ ପ୍ରଜ୍ଜ୍ୱଳନ କରି ମେଳାକୁ ଉଦ୍‌ଘାଟନ କରିଥିଲେ। ଭୁବନ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ସମୁଦାୟ ୧୧୦ ଜଣ ଛାତ୍ରଛାତ୍ରୀ ମେଳାରେ ଅଂଶ ଗ୍ରହଣ କରିଥିଲେ। ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ପାଞ୍ଚ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ବିଜ୍ଞାନମେଳାକୁ ପଠାଯିବ ବୋଲି ଭୁବନ ବ୍ଲକ ଶିକ୍ଷାଧିକାରୀ ଅଦ୍ୱୈତ କୁମାର ସାମଲ କହିଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ହିନ୍ଦୋଳ, ୨୦।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ-୨ ପୁରୁଷୋତ୍ତମପୁର ଗ୍ରାମର ଜନୈକ ବୃଦ୍ଧ ଶୌଚ ହେବାପାଇଁ ନିଜ ବାଡି ପଛପଟକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବାର ଜଣାପଡ଼ିଛି। ପୁରୁଷୋତ୍ତମପୁର ଗ୍ରାମର ନାରାୟଣ ନାଏକ(୫୮) ଶୌଚ ହେବାପାଇଁ ଯାଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଥିବା ଏକ ଦନ୍ତା ନାରାୟଣଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହିନ୍ଦୋଳ ଉପଖଣ୍ଡରେ ବଣୁଆ ହାତୀମାନେ ଆତଙ୍କ ଚଳାଇଥିବା ବେଳେ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନବିଭାଗ ଏଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଯୁବକର ମୃତଦେହ ଉଦ୍ଧାର

ପରିବାରଲୋକ କଲେ ହତ୍ୟା ଅଭିଯୋଗ

**ହିନ୍ଦୋଳ, ୨୦।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅନ୍ତର୍ଗତ ହରିହରପୁର ଗ୍ରାମରେ ଜନୈକ ଯୁବକର ଝୁଲନ୍ତା ମୃତଦେହ ଏକ ଗଛରୁ ଉଦ୍ଧାର କରାଯାଇଛି। ହରିହରପୁର ଗ୍ରାମର ମହେଶ୍ୱର ସାମଲ(୨୬) ରବିବାର ଠାରୁ ନିଖୋଜ ଥିଲେ। ସୋମବାର ଦିନ ଅପରାହ୍ନରେ ଗ୍ରାମର କେତେକ ଛେଳି ଚରାଳୀ ମହେଶ୍ୱରଙ୍କ ମୃତଦେହ ଗଛରେ ଝୁଲୁଥିବାର ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗଛରେ ଝୁଲୁଥିବା ମୃତ ଦେହଟି ମାଟିରେ ଲାଗିଥିବାର ଦେଖିଥିଲେ। ମହେଶ୍ୱରଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ କେହି ହତ୍ୟା କରିଥିବାର ସନ୍ଦେହ କରାଯାଉଛି। ଖବରପାଇ ପୁଲିସ ପହଞ୍ଚି ମୃତଦେହରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇ ତଦନ୍ତ ଜାରି ରଖିଛନ୍ତି। ଏହାକୁ ନେଇ ପରିବାର ଲୋକ ହତ୍ୟା କରାଯାଇଥିବାର ଅଭିଯୋଗ କରିଛନ୍ତି।

ଶିକ୍ଷକ ଅଭାବ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ତାତିଲେ

# ବିଦ୍ୟାଳୟ ଫାଟକରେ ତାଲାପକାଇ ଧାରଣା



**ଗଁଦିଆ, ୨୦।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ବରଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଓ ଛାତ୍ରଛାତ୍ରୀ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୨୯୩ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ୧୬୩ଜଣ ଛାତ୍ର ରହିଥିବା ବେଳେ ୧୩୦ଜଣ ଛାତ୍ରୀ ରହିଛନ୍ତି। ଏଠାରେ ମୋଟ ୪ଜଣ ଶିକ୍ଷକ ରହିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାର ଘୋର ଅସୁବିଧା ଦେଖାଦେଇଛି। ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାକାର ହୋଇପଡ଼ିଛି। ତୁରନ୍ତ ଶିକ୍ଷକ ପଦବୀ ପୂରଣ ନହେଲେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିବେବୋଲି ଚେତାବନୀ ଦେଇଛନ୍ତି। ଖବରପାଇ ବ୍ଲକ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ ବିଦ୍ୟାଳୟରେ ପହଞ୍ଚି ଖୁବଶୀଘ୍ର ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଥିଲେ। ସେ ପର୍ଯ୍ୟନ୍ତ ସିଆରସି ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟରେ ଶିକ୍ଷାଦାନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ବିଦ୍ୟାଳୟ ଫାଟକରେ ତାଲା ଖୋଲାଯାଇଥିଲା।

ଝଲସିବ ଐତିହାସିକ ପର୍ଯ୍ୟଟନ ସ୍ଥଳୀ

# ଗାଁରୁ ସହର, ସବୁଠି ରାଜ୍ୟ ସରକାରଙ୍କୁ ମିଳୁଛି ପ୍ରଶଂସା

**ଢେଙ୍କାନାଳ/କାମାକ୍ଷାନଗର, ୨୦।୧୧(ସମିସ):**

ଝଲସିବ ଐତିହାସିକ ପର୍ଯ୍ୟଟନ ସ୍ଥଳୀ। ବହୁ ପୁରାତନ ଐତିହ୍ୟର ହେଉଛି ପୁନଃ ଉଦ୍ଧାର। ପର୍ଯ୍ୟଟନ ସ୍ଥଳୀର ହେବ ପାରିପାର୍ଶ୍ୱିକ ଉନ୍ନତି। ଉଜ୍ଜୀବିତ ହେବ ପୁରାତନ ଭାସ୍କର୍ଯ୍ୟ, କଳା ଓ ସଂସ୍କୃତି। ଏହି ସ୍ୱପ୍ନକୁ ସାକାର ରୂପ ଦେଉଛି ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା 'କାର୍ଯ୍ୟକ୍ରମ। କେବଳ ଓଡ଼ିଶା ନୁହେଁ ସାରା ଭାରତରେ ପ୍ରସିଦ୍ଧ ଶୈବପୀଠ ଭାବେ ପରଜଙ୍ଗ ବ୍ଲକ କୁଆଳୋର ବାବା ଅଷ୍ଟଶମ୍ଭୁ ମନ୍ଦିର ପରିଗଣିତ। ଆଜିକୁ ପନ୍ଦରଶହ ବର୍ଷ ପୂର୍ବେ ଗଙ୍ଗବଂଶୀୟ ରାଜାଙ୍କ ଦ୍ୱାରା ନିର୍ମିତ ଏହି ଅଷ୍ଟଶମ୍ଭୁ ଶୈବପୀଠ। କୁଆଳୋ ଗାଁ ନିକଟରେ ଥିବା ଏହି ପୀଠକୁ ବର୍ଷର ପ୍ରତ୍ୟେକ ସମୟରେ ହଜାରହଜାର ଭକ୍ତଙ୍କ ସୁଅ ଛୁଟିଥାଏ। ବାବା ଅଷ୍ଟଶମ୍ଭୁଙ୍କ ଦର୍ଶନ କରିବା ସହ ମନ୍ଦିରର କଳାକାରିଗରୀ ଏଠାକୁ ଆସୁଥିବା ଲୋକମାନଙ୍କ ମନ ମୋହିନିଏ। କିନ୍ତୁ ଏଠାକୁ ଯିବା ଆସିବା ପାଇଁ ଆବଶ୍ୟକ ଥିଲା ପ୍ରଶସ୍ତ ରାସ୍ତା। ଭଲ ରାସ୍ତା ଟିଏ ନଥିବାରୁ ଏଠାକୁ ଆସିବାକୁ ଇଛା ଥିଲେ ମଧ୍ୟ ଅନେକ ଭକ୍ତ ଫେରି ଯାଉଥିଲେ। ଯାହାକୁ ନେଇ ମନ୍ଦିର କମିଟି ଓ ସ୍ଥାନୀୟ ବାସିନ୍ଦା ପରଜଙ୍ଗ ଗସ୍ତରେ ଯାଇଥିବା '୫-ଟି'ଅଧ୍ୟକ୍ଷଙ୍କୁ ପତ୍ର ମାଧ୍ୟମରେ ସମସ୍ୟା ଜଣାଇଥିଲେ। ଏହି ସମସ୍ୟାକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ ଅଳ୍ପ ଦିନ ମଧ୍ୟରେ ଜାତୀୟ ରାଜପଥ ୫୩ର ମୁଣ୍ଡେଇଲୋ ଛକ ନିକଟରୁ ଅଷ୍ଟଶମ୍ଭୁ ପୀଠ ପାଇଁ 'ଆମ ଓଡ଼ିଶା ନବୀନ ଓଡ଼ିଶା 'ମାଧ୍ୟମରେ ଦୁଇ କୋଟି କୋଡିଏ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ତତ ସହିତ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ଯଥା, ପାର୍କିଂ ସ୍ଥାନ, ମାର୍କେଟ କମ୍ପ୍ଲେକ୍ସ, ବିଶୁଦ୍ଧ ପାନୀୟ ଜଳ ଇତ୍ୟାଦି ପାଇଁ ମଧ୍ୟ ୫୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଓ ସହାୟତାରେ ବହୁ ପୁରାତନ ସରାଙ୍ଗସ୍ଥିତ ଅନନ୍ତଶୟନର ହେବ ନବକଳେବର। ବ୍ରାହ୍ମଣୀ ନଦୀ ତଟରେ ଥିବା ଏହି ଐତିହାସିକ କୀର୍ତ୍ତିରାଜୀର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉଦ୍ୟମ କରିଛନ୍ତି ରାଜ୍ୟ ସରକାର। ଭଗବାନ ବିଷ୍ଣୁଙ୍କ ବିଶାଳକାୟ ପ୍ରସ୍ତର ନିର୍ମିତ ଅନନ୍ତଶୟନ ମୂର୍ତ୍ତି ଓ ଏହାର ଚତୁପାର୍ଶ୍ୱକୁ କରାଯିବ ସୌନ୍ଦର୍ଯ୍ୟକରଣ। ଜାତୀୟ ରାଜପଥ ଠାରୁ ଅନନ୍ତଶୟନ ପୀଠ ପର୍ଯ୍ୟନ୍ତ ରାସ୍ତା, ଆଲୋକୀକରଣ, ନଦୀସ୍ରୋତରୁ ମୂର୍ତ୍ତିର ସୁରକ୍ଷା ପାଇଁ ଯୋଜନା କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ଅନନ୍ତଶୟନ ଓ ଅଷ୍ଟଶମ୍ଭୁ ଠାରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଛନ୍ତି। କିଭଳି ଭାବେ ପରଜଙ୍ଗ ନିର୍ବାଚନମଣ୍ଡଳୀର ବହୁ ପ୍ରତିକ୍ଷିତ ଏହି ଦୁଇ ଐତିହାସିକ ପୀଠର ବିକାଶ ହେବ ସେ ନେଇ କାର୍ଯ୍ୟ ଆରମ୍ଭ ହୋଇଛି।





# କଡଲାରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ହିନ୍ଦୋଳ, ୨୦।୧୧(ସମିସ):** ହିନ୍ଦୋଳ ଉପଖଣ୍ଡ କଡଲା ପଞ୍ଚାୟତ ଅନ୍ତର୍ଗତ ନିର୍ମଳ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ହିନ୍ଦୋଳ କଲ୍ୟାଣ ସଂଗଠନ ଆନୁକୂଲ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟ ନିକଟରୁ ବାହାରି କଡଲା ଗ୍ରାମରେ ଛାତ୍ରଛାତ୍ରୀ ମାନେ ପଦଯାତ୍ରା କରି ପିଲାଟିଏ ଗଛଟି, ଘର ପୋଡିଗଲେ ବଣକୁ ଯିବା, ବଣ ପୋଡିଗଲେ କୁଆଡେ ଯିବା, ବୃକ୍ଷହିଁ ଜୀବନ ପ୍ରଭୃତି ନାରା ଦେବା ସହ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ପତ୍ର ବଣ୍ଟନ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଚିତ୍ତରଞ୍ଜନ ପାଣିଗ୍ରାହିଙ୍କ ପୌରୋହିତ୍ୟରେ ଏବଂ ସଂଗଠନର ଆଜୀବନ ସଦସ୍ୟ ସୁଶାନ୍ତ କୁମାର ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ସଭାରେ ଆମେରିକାରେ କାର୍ଯ୍ୟରତ ପଞ୍ଚପଡ଼ା ଗ୍ରାମର ଯୁବ ବୈଜ୍ଞାନିକ ଡକ୍ଟର ଧନଞ୍ଜୟ ପାଳ ମୁଖ୍ୟଅତିଥି, ସଂଗଠନର ଅନ୍ୟତମ ସଦସ୍ୟ ପରିବେଶ ରତିକାନ୍ତ ଗଡ଼ନାୟକ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରହଲ୍ଲାଦ ସାମଲ, ପଞ୍ଚାୟତର ସରପଞ୍ଚ ଅନୁପମା ନାଥ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତ୍ୟେକ ମିଶି ବୃକ୍ଷରୋପଣ କରିବା ଉତ୍ତମ ପରିବେଶ ସୃଷ୍ଟିକରିବା, ଜଙ୍ଗଲ ଓ ପରିବେଶ ଆମ ମାନବ ସମାଜର କଲ୍ୟାଣ କରୁଛି ଏଣୁ ଏହାର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମୁଖ୍ୟ ଅତିଥି ଶ୍ରୀ ପାଳ ଛାତ୍ର ଛାତ୍ରୀଙ୍କୁ ଉପଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ଶଙ୍କର୍ଷଣ ପାଳ, ଅକ୍ଷୟ ପାଳ ଯୋଗଦେଇ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ହିନ୍ଦି ଶିକ୍ଷୟିତ୍ରୀ ଝୁନୁରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କୁଅରେ ପଡ଼ି ଶିଶୁ ମୃତ

**କାମାକ୍ଷାନଗର, ୨୦।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ଅନ୍ତର୍ଗତ ବଳଦିଆପାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବିଶିକେସନ ମହନ୍ତଙ୍କ ପୁଅ ବାପୁନୀ ମହନ୍ତ(୫) ଘର ନିକଟରେ ଖେଳୁଥିବା ବେଳେ ଅସାବଧାନତା ହେତୁ କୁଅରେ ପଡ଼ିଯାଇଥିଲା। ପରିବାର ଲୋକେ ବାପୁନୀ ଆସିବାରେ ବିଳମ୍ବ ହେବାରୁ ବହୁ ଖୋଜାଖୋଜି କରି କୂଅରୁ ମୃତ ଦେହକୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନ ମେଳା

**କାମାକ୍ଷାନଗର, ୨୦।୧୧(ସମିସ):** କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ବନଦୁର୍ଗା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଅଧିକାରୀ ସାଗର ଟୁଡୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଗୋଷ୍ଠି ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ। ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଦୀପା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସରପଞ୍ଚ ଫକୀର ଚରଣ ମହାନ୍ତ, ସମିତି ସଭ୍ୟା ଲକ୍ଷ୍ମୀ ହେସା, ପୂର୍ବତନ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ମହାନ୍ତ ବିଜ୍ଞାନ ମେଳାର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବରେ କଙ୍କଡାଖୋଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ଓ ବାଇସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗ ଦେଇ ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ। ପ୍ରକଳ୍ପ ଗୁଡିକ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ କୃତକାର୍ଯ୍ୟ ହେଇଥିବା କୃତି ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ। କାର୍ଯ୍ୟକ୍ରମକୁ ଶିକ୍ଷକ ଦିଲୀପ କୁମାର ମାଝୀ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ କେଶବ ମହାନ୍ତ, ଫୁଲରାଣୀ ମହାନ୍ତ, ତ୍ରିଲୋଚନ ଲେଙ୍କା, ସଞ୍ଜୟ କୁମାର ଖିଲାର, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ପ୍ରମୋଦ କୁମାର ମହାନ୍ତଙ୍କ ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଅର୍ଥ ସାଜିଛି ବାଧକ

# ଜୀବନମରଣ ସହ ସଂଘର୍ଷ କରୁଛି ବାପ ଛେଉଣ୍ଡ ରାଜା



**କାମାକ୍ଷାନଗର, ୨୦।୧୧(ସମିସ):** କାମାକ୍ଷାନଗର ବ୍ଲକ ମାଳପୁରା ଗ୍ରାମର ଉଦିତ ନାରାୟଣ ରାଉଳ (ରାଜା ) ବେଶ ହସଖୁସିରେ ଜୀବନ ବିତାଉଥିବା ଜିଉଥିବା ରାଜା ଏବେ ବଞ୍ଚିବା ପାଇଁ ସଂଘର୍ଷ କରୁଛି। ଗତ କିଛି ଦିନ ତଳେ ଜିରିଡାମାଳି ନିକଟରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ରାଜା ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଚିକିତ୍ସାରେ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବା ବେଳେ ପରିବାର ପକ୍ଷରେ ଅସମ୍ଭବ ହୋଇପଡ଼ିଛି। ଧାରଉଦ୍ଧାର କରି ପୁଅକୁ ଚିକିତ୍ସା କରାଇ ସମ୍ପୂର୍ଣ୍ଣ ପରିବାର ଏବେ ଅର୍ଥ ଚିନ୍ତାରେ କୋଉଠୁ ଆଣିବେ ଲକ୍ଷାଧିକ ଟଙ୍କା। ସରକାରଙ୍କ ତରଫରୁ ମିଳିଥିବା ବିଜୁସ୍ୱାସ୍ଥ୍ୟ କାର୍ଡରେ ଯାହା ଅର୍ଥରାଶି ରହିଥିଲା ତାହା ଶେଷ ହୋଇଗଲା। ଏବେ ଭଗବାନଙ୍କ ଭରସାରେ ରାଜାର ଜୀବନ। ରାଜାର ଜୀବନ ବଞ୍ଚାଇବା ପାଇଁ ସହଯୋଗର ହାତ ବଢ଼ାଇବା ପାଇଁ ସରକାରଙ୍କ ଠାରୁ ଆରମ୍ଭ କରି ରାଜନେତା, ବ୍ୟବସାୟୀ, ସମାଜସେବୀ, ଓ ସ୍ଥାନୀୟ ଜନସାଧାରଣଙ୍କୁ ପରିବାରଲୋକ ଅନୁରୋଧ କରିଛନ୍ତି।

# ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର




**ଢେଙ୍କାନାଳ, ୨୦।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ୧୨୬ଟି ଅଭିଯୋଗ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ଗ୍ରାମ୍ୟ ସମସ୍ୟା, ବ୍ୟକ୍ତିଗତ ସମସ୍ୟା ରହିଥିବାର ଜଣାପଡ଼ିଛି। ଶିବିରରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାହୁ, ଉପଜିଲ୍ଲାପାଳ ସପନ ନନ୍ଦ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ବିଡିଓ ଅମୀୟ କୁମାର ସ୍ୱାଇଁଙ୍କ ସମେତ ଜିଲ୍ଲସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ବୁଦ୍ଧେଶ୍ୱର ମହୋତ୍ସବ ପ୍ରସ୍ତୁତି ବୈଠକ



**ଭୁବନ, ୨୦।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନରେ ପ୍ରଥମ ଥର ପାଇଁ ସରକାରୀସ୍ତରରେ ବୁଦ୍ଧେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ସୋମବାର ଦିନ ଏନ୍‌ଏସି ସଭାଗୃହରେ ପ୍ରସ୍ତୁତି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ଆଖିଆଗରେ ରଖି ପାନୀୟ ଜଳ, ପରିମଳ ଓ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୧୫ଜଣ କାଉନସିଲର ଉପସ୍ଥିତ ରହି ଭୁବନର ମାନ, ସମ୍ମାନ ଓ ସ୍ୱାଭିମାନ ପାଇଁ ଏକତ୍ରିତ ହୋଇ କାମ କରିବାକୁ ଘୋଷଣା କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ, କନିଷ୍ଠ ଯନ୍ତ୍ରୀ ଶକ୍ତି ପ୍ରସାଦ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୩ ତାରିଖ ପଞ୍ଚୁକ ବ୍ରତ ଆରମ୍ଭ ଦିନ ଠାରୁ ଦୋଳି, ମିନା ବଜାର, ଯାତ୍ରା ଓ ପଲ୍ଲୀଶ୍ରୀ ମେଳା ଆରମ୍ଭ ହେବ ଏବଂ କାର୍ତ୍ତିକ ପୂର୍ଣ୍ଣିମା ୨୭ ରୁ ୨୯ ତିନି ଦିନ ମହୋତ୍ସବ ଅନୁଷ୍ଠିତ ହେବାକୁ ବୈଠକରେ ଚୁଡାନ୍ତ ନିଷ୍ପତି ଗ୍ରହଣ କରାଯାଇଥିଲା। ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ମହୋତ୍ସବରେ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଅର୍ଚ୍ଚିତା, ପ୍ରଜ୍ଞା, ଅଭିନେତା ସବ୍ୟସାଚୀ, ପପୁ ପମ ପମଙ୍କ ସମେତ ବହୁ ଓଲିଉଡ ଓ ବଲିଉଡ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଭୁବନ ବାସୀ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନଗରପାଳ ଶୁଭେନ୍ଦୁ କୁମାର ସାହୁ ନିବେଦନ କରିଛନ୍ତି।

# ବନ୍ଧୁକ ସହ ଅପରାଧୀକୁ କାବୁକଲା ପୁଲିସ

**ହିନ୍ଦୋଳ, ୨୦।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସିରୁ ପୁଲିସ ଜଣେ ଅପରାଧୀକୁ ଧରିବା ସହ ତାଠାରୁ ଗୋଟିଏ ବନ୍ଧୁକ ଜବତ କରିଛି। ଖବରରୁ ପ୍ରକାଶ ଯେ, କଟକ ନରସିଂହପୁର ଆଡୁ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ହିନ୍ଦୋଳ ଏନ୍‌ଏସି ୱାର୍ଡ-୩ ବସଷ୍ଟାଣ୍ଡ ନିକଟରେ ଥିବା ବିଦେଶୀ ମଦଦୋକାନ ସାମ୍ନାରେ ଛିଡା ହୋଇଥିଲେ। ଜଣେ ବାଇ୍‌କରେ ବସିଥିବା ବେଳେ ଅନ୍ୟଜଣେ ମଦ କିଣିବାପାଇଁ ଯାଇଥିଲା। ଏହି ସମୟରେ ସାଧାପୋଷାକରେ ଥାଇ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିଥିବା ଢେଙ୍କାନାଳ ଓ ହିନ୍ଦୋଳ ପୁଲିସ ଗାଡ଼ିରେ ବସିଥିବା ଯୁବକକୁ ମାଡିବସି କାବୁ କରିନେଇଥିଲା। ଏହା ଦେଖି ସାଥିରେ ଆସିଥିବା ଯୁବକ ଚମ୍ପଟ ମାରିଥିଲା। ପୁଲିସ ଗିରଫ ଅପରାଧୀ ଠାରୁ ଏକ ବନ୍ଧୁକ ଜବତ କରିଛି। ଢେଙ୍କାନାଳ ଓ ହିନ୍ଦୋଳ ପୁଲିସ ଅପରାଧୀଙ୍କ ସମ୍ପର୍କରେ ଘଟଣାର ଅନୁସନ୍ଧାନ ଜାରି ରଖିଛି ବୋଲି ସୂତ୍ରରୁ ଜଣାପଡ଼ିଛି। ବନ୍ଧୁକ ସହ ଧରାପଡ଼ିଥିବା ଯୁବକ ବ୍ୟାଙ୍କ ଟଙ୍କା ଭର୍ତ୍ତି ଗାଡି ଲୁଟ ଘଟଣାରେ ସମ୍ପୃକ୍ତ ଥିବା ବିଶ୍ୱସ୍ତ ସୂତ୍ରରୁ ଅନୁମାନ କରାଯାଉଛି। ହିନ୍ଦୋଳ ଏନ୍‌ଏସିରେ ବନ୍ଧୁକ ସହ ଅପରାଧୀ ଧରା ପଡ଼ିବା ଚର୍ଚ୍ଚାର ବିଷୟ ପାଲଟିଛି।

ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଯାପିତ

# କଳା ଓ ସଂସ୍କୃତିକୁ ଆଗକୁ ବଢାଇବାରେ ମହୋତ୍ସବ ଏକ ମାଧ୍ୟମ




**ଢେଙ୍କାନାଳ, ୨୦।୧୧(ସମିସ):**

ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ସାଂସ୍କୃତିକ ଅନୁଷ୍ଠାନ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ମହେଶ ସାହୁ ଯୋଗଦେଇ କଳା ଓ ସଂସ୍କୃତିକୁ ଆଗକୁ ବଢ଼ାଇବାପାଇଁ ମହୋତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଅତିରିକ୍ତ ଡିଜି ଡ. ଲଳିତ ଦାସ, ସାମାଜିକ କର୍ମୀ ଡ. ବନ୍ଦନା ହରିଚନ୍ଦନ, ସତ୍ୟବ୍ରତ ନାୟକ, ଉତ୍କଳ ଆଜବେଷ୍ଟସର ୱାର୍କସ ମ୍ୟାନେଜର କ୍ଷୀରୋଦ କୁମାର ବେହେରା, ଚଳଚିତ୍ର ପ୍ରଯୋଜକ ରମେଶ ବାରିକ ପ୍ରମୁଖ ଯୋଗଦେଇ ଜିଲ୍ଲାର କଳା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ଶାନ୍ତି ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଦେବାଂଶୀ ଡ୍ୟାନ୍ସ ଏକାଡେମୀର ମୁଖ୍ୟ ଗୌରୀ ଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କୁ ସପ୍ତଶଯ୍ୟା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଚଳଚିତ୍ର ଅଭିନେତ୍ରୀ ଇଷା ବେବର୍ତ୍ତା, ଓଡିଶୀ ନୃତ୍ୟ ଶିଳ୍ପୀ ଦିପ୍ତୀ ମିଶ୍ର, ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରିତିନନ୍ଦା ରାଉତରାୟ, କଣ୍ଠଶିଳ୍ପୀ ଅନନ୍ଦିତା ଦାଶ, ଚଳଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ଆଲବମ ଅଭିନେତା ସୁରେଶ ପ୍ରସାଦ ରଥ, ସ୍ୱପ୍ନାରାଣୀ ସିହ୍ନା, ରୋହିତ ପାତ୍ର, ସମୀକ୍ଷୀକା ରୋଜାଲିନ ଦାସ, ଆଲବମ ନିର୍ଦ୍ଦେଶକ ରାଜନାରାୟଣ ପଣ୍ଡା, ସାମାଜିକ କର୍ମୀ ଅନ୍ନଦାପ୍ରଭା ରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କାନାଳର କଳାକାର ବିଶିଷ୍ଟ କଣ୍ଠଶିଳ୍ପୀ ଗୋବିନ୍ଦ ଚନ୍ଦ୍ର, ନୃତ୍ୟରେ ପଦ୍ମା ବସ୍ତିଆ, ହାସ୍ୟ ନାଟ୍ୟକାର ଶତ୍ରୁଘନ ମାଟି, କ୍ରୀଡାବିତ୍ ରାନୁ ମହାନ୍ତି, ସଙ୍ଗୀତଙ୍କ ଶାଶ୍ୱତ ତ୍ରିପାଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗଞ୍ଜାମର ଲୋକ ନୃତ୍ୟ ଓ ଅନୁଷ୍ଠାନର କଳାକାର ଏବଂ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ସ୍ୱାମୀଙ୍କ ମୃତ୍ୟୁର ୪୬ ବର୍ଷ ପରେ ପେନସନ୍ ପାଇବେ ସ୍ତ୍ରୀ



**ଡେରାବିଶ, ୨୦ ।୧୧(ସମିସ):** ପଲେଇ ପଞ୍ଚାୟତ କନ୍ଦରପୁର ଗ୍ରାମର ୯୧ ବର୍ଷୀୟା ହାରାମଣୀ ସାହୁଙ୍କୁ ପେନ୍‌ସନ୍ ଦେବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଦେଶ ଦେଇଛନ୍ତି । ୧୯୭୧ରେ ହାରାମଣୀଙ୍କ ସ୍ୱାମୀ ବେଣୁଧର ସାହୁ କେନ୍ଦ୍ରାପଡ଼ା ବ୍ଲକ ଦୁହୁରିଆ ସ୍ଥିତ ରତ୍ନାକର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିଲେ; ହେଲେ ୧୯୭୭ ଅଗଷ୍ଟ ୨୬ରେ ଅସୁସ୍ଥତା ହେତୁ ତାଙ୍କର ମୃତ୍ୟୁ ଘଟିଥିଲା । ହାରାମଣି ଏକମାତ୍ର ଶିଶୁପୁତ୍ରକୁ ଧରି ପେନ୍‌ସନ୍ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ତାଙ୍କୁ କିନ୍ତୁ ନିରାଶ ହେବାକୁ ପଡ଼ିଥିଲା । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସବୁ ଆଶା ଛାଡ଼ିଦେଇ ସେ ଚୁପ୍ ରହିଥିଲେ । ବର୍ଷକ ତଳେ ହାରାମଣୀ ଜଣେ ଓକିଲଙ୍କ ଜରିଆରେ ତାଙ୍କ ସ୍ୱାମୀ ବେଣୁଧରଙ୍କ ପେନ୍‌ସନ ପାଇବା ପାଇଁ ଯୋଗ୍ୟ ବୋଲି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ବେଣୁଧରଙ୍କ ଚାକିରିର ସମସ୍ତ କାଗଜପତ୍ର ତନଖି କରିବା ପରେ ସରକାରଙ୍କ ନିୟମ ଅନୁସାରେ ହାରାମଣିଙ୍କୁ ପେନ୍‌ସନ୍ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସମସ୍ତ ବକେୟା ପେନ୍‌ସନ୍ ଅର୍ଥ ମଧ୍ୟ ହାରାମଣୀ ପାଇବେ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ।

# ୩୬ ବର୍ଷରେ ଚାଟରା କାର୍ତ୍ତିକେଶ୍ୱର ପୂଜା

**ଡେରାବିଶ, ୨୦ ।୧୧(ସମିସ):** ଚାଟରାଚକଡ଼ା ପଞ୍ଚାୟତ ଛତା ମେଡ଼ିକାଲ ଛକରେ ଚାଟରା ଗ୍ରାମ ତରଫରୁ ହୋଇଆସୁଥିବା କାର୍ତ୍ତିକେଶ୍ୱରଙ୍କ ପୂଜା ୩୬ ବର୍ଷରେ ପଦାର୍ପଣ କରିଛି । ଏହି ପୂଜା ଦେଖିବା ପାଇଁ ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି । ଗ୍ରାମବାସୀଙ୍କ ସହଯୋଗରେ ହୋଇଆସୁଥିବା ଏହି ପୂଜା ମଣ୍ଡପ ନିକଟରେ ବୈଦ୍ୟୁତିକ ତୋରଣ



ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି । ପୂଜା କମିଟିର ସଭାପତି ଚନ୍ଦ୍ରକାନ୍ତ ମିଶ୍ର, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ପ୍ରମୋଦ ମିଶ୍ର, ଅକ୍ଷୟ ମିଶ୍ର, ଦେବଦତ୍ତ ମିଶ୍ର ଓ ରଜନୀକାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି । ଆସନ୍ତା ୨୩ ଓ ୨୪ ତାରିଖ ବାଦିପାଲା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ୪୦ ବୃଦ୍ଧବୃଦ୍ଧାଙ୍କ ଜଗାଦର୍ଶନ

**ରାଜନଗର, ୨୦ ।୧୧(ସମିସ):** ରାଜନଗରର ୪୦ଜଣ ବୃଦ୍ଧବୃଦ୍ଧା ଶ୍ରୀ ମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରାଇଛନ୍ତି । ରାଜନଗର ଗାଁର ବାବାଜୀ ମିଶ୍ର ଓ ପଣ୍ଡିତ ଶଙ୍କର୍ଷଣ ମିଶ୍ର ତାଙ୍କ ଜେଜ ସ୍ୱର୍ଗତ ଚିନ୍ତାମଣି ମିଶ୍ରଙ୍କ ସ୍ମୃତିରେ ଏହି ବୃଦ୍ଧ ବୃଦ୍ଧାଙ୍କୁ ଜଗା ଦର୍ଶନ କରାଇଛନ୍ତି । ରାଜନଗରର ଆରାଧ୍ୟ ଦେବତା ଦଧିବାମନଜୀଉଙ୍କ ମନ୍ଦିର ନିକଟରୁ ସେମାନଙ୍କ ସହ ରମଣୀ ରଞ୍ଜନ ମହାପାତ୍ର, ଚିତ ରଞ୍ଜନ ଦାସ, ସୋମନାଥ ବାରିକ, ଦତହରି ମଲ୍ଲିକ, ଜୟୀରାମ ସେଠୀ, ବିଭୂତି ଭୂଷଣ ନାୟକ, ବିଚିତ୍ର ମଲିକ, ପ୍ରେମାନନ୍ଦ ଲେଙ୍କା, ସୁଶୀଳ ସେଠୀ, ହରେକୃଷ୍ଣ ଲେଙ୍କା, ନୃସିଂହ ଚରଣ ଲେଙ୍କା ପ୍ରମୁଖ ପୁରୀ ଯାଇଥିଲେ ।

# ଆନନ୍ଦ ବଜାର ଗୃହ ଉଦ୍‌ଘାଟିତ



**ଓଲାଭର, ୨୦ ।୧୧(ସମିସ):** ଓଲାଭର ମା' କାଳୀଙ୍କ ମନ୍ଦିରରେ ଆନନ୍ଦ ବଜାର ଗୃହ ଉଦ୍‌ଘାଟିତ ହୋଇଛି । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଆନନ୍ଦ ବଜାରକୁ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆମ ଓଡ଼ିଶା, ନବୀନ ଓଡ଼ିଶା ଅଧ୍ୟକ୍ଷ ଭି କେ ପାଣ୍ଡିଆ । ।ନ ଓ ମନ୍ତ୍ରୀ ପ୍ରତାପ ଦେବଙ୍କୁ ଅଞ୍ଚଳବାସୀଙ୍କ କୃତଜ୍ଞତା ପ୍ରଦାନ କରାଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଲାଭର ଯୁବକ ସଂଘର ସମ୍ପାଦକ ଶ୍ରୀନିବାସ ଓଝା, ଭାରପ୍ରାପ୍ତ ସଭାପତି ଅଜୟ ପୃଷ୍ଟି, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ଓଲାଭର ସରପଞ୍ଚ ନହୃଷ ନାୟକ, ଭୀମସେନ ସାମଲ, ସୁବାସ ସାହୁ, ଉଦୟନାଥ ବେହୁରା, ସୁବାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଇପିଏଫ୍ ପେନସନଭୋଗୀ ସଂଘର ବୈଠକ

**କୁଜଙ୍ଗ, ୨୦ ।୧୧(ସମିସ):** ଅଲ୍ ଓଡ଼ିଶା ଇପିଏଫ୍ ପେନସନର ଆସୋସିଏସନ ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ଅଧିବେଶନ କୁଜଙ୍ଗସ୍ଥିତ ଶନି ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ସଂଘର ନେତା କୃଷ୍ଣଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ । ଏହି ବୈଠକରେ ସଂଘର ରାଜ୍ୟ ଶାଖାର ମୁଖ୍ୟ ଉପଦେଷ୍ଟା ରଞ୍ଜନ ଖୁଣ୍ଟିଆ ଯୋଗଦେଇ ଇପିଏଫ୍ ପେସନ୍‌ସ ଭୋଗୀ କର୍ମଚାରୀଙ୍କ ସମସ୍ୟା ନେଇ ଉଦ୍‌ବୋଧନ ଦେଇଥିଲେ । ସଂଘର ୪ଟି ଦାବି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ପୂରଣ ହେଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିସହ ସଂଘର ସଭ୍ୟମାନେ କ୍ଷତି ସହୁଥିବା ଅଭିଯୋଗ କରିଥିଲେ । ସଭାରେ ରଞ୍ଜନ ଖୁଣ୍ଟିଆ, ସରୋଜକାନ୍ତ ମହାନ୍ତି, ଶରତଚନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ମିଶ୍ୱାଳ, ନିମାଇଁ କାନୁନ୍‌ଗୋ, ନାରାୟଣ ରଣା, ପ୍ରମୋଦ ଦାସ, କ୍ଷେତ୍ରମୋହନ ସ୍ୱାଇଁ, ବୈଦନାଥ ସେଠୀ, ମହନ୍ତ ପାତ୍ର, ସୁରେନ୍ଦ୍ର ଗୋଛାୟତ, ମମତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସରୋଜକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

● ରାସ୍ତା ମରାମତି ନାଁରେ ସରକାରୀ ଅର୍ଥ ଲୁଟ୍

# 'ଲେଉଟିଆ କିଆରି' ପାଲଟିଛି ଖଡ଼ିଅଣ୍ଟା-କାଠିଆପଡ଼ା ରାସ୍ତା

**ପଟ୍ଟାମୁଣ୍ଡାଇ, ୨୦ ।୧୧(ସମିସ)**

ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ଅଧୀନରେ ଥିବା ଖଡିଅଣ୍ଟା-କାଠିଆପଡ଼ା ରାସ୍ତା ମରାମତି ଆଳରେ ସରକାରୀ ଅର୍ଥ ଲୁଟ୍ ଅଭିଯୋଗ ହୋଇଛି । ଏହି ରାସ୍ତା ଠିକାଦାରଙ୍କ ପାଇଁ ଲେଉଟିଆ କିଆରୀ ପାଲଟିଛି । ବିନା ଟେଣ୍ଡରରେ ବର୍ଷ ବର୍ଷ ଧରି ଏହି ରାସ୍ତାର ମରାମତି ଆଳରେ ଲକ୍ଷ ଲକ୍ଷ ଟଙ୍କା ବିଲ୍ ପୈଠ ହେଉଛି; କିନ୍ତୁ ଏହି ରାସ୍ତା ଅବସ୍ଥା ସୁଧୁରିବା ପରିବର୍ତ୍ତେ ଅଧିକ ବିଗିଡିବାରେ ଲାଗିଛି । ଜିଗରଣ ଗ୍ରାମର ଅଲେଖ ନାୟକ କୁହନ୍ତି ରାସ୍ତା କାର୍ଯ୍ୟରେ ଠକେଇ ହେଉଥିବା ସମ୍ପର୍କରେ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଇବା ସହିତ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ଫଳ ହେଉନାହିଁ । ପୁରୁଣା ରାସ୍ତା ଉପରେ ପିଚୁ ପ୍ରଲେପ ଦିଆଯାଇ ସରକାରୀ ଅର୍ଥ ଲୁଟ ହେଉଥିବା ସେ କହିଛନ୍ତି । ଏହା ଫଳରେ ମରାମତିର ସପ୍ତାହକ ପରେ ପୁନଃର୍ବାର ରାସ୍ତାରୁ ପିଚୁ ଉଠି ଯାଉଥିବା ଦେଖିବାକୁ ମିଳୁଛି । ସେହିପରି ଉତିକଣ ଅଞ୍ଚଳର ବରିଷ୍ଠ ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ କୁହନ୍ତି ଉତିକଣ ଅଞ୍ଚଳର ଏହି ରାସ୍ତା ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭର କରୁଛନ୍ତି । ଏହି ରାସ୍ତାକୁ ଉତିକଣ ଅଞ୍ଚଳର ଅନ୍ୟତମ ଜୀବନରେଖା ବୋଲି କୁହାଯାଏ; କିନ୍ତୁ ବିଭାଗୀୟ ଅଧିକାରୀ ଉଦାସୀନତା ପାଇଁ ସରକାରଙ୍କ କୋଟି କୋଟି ଟଙ୍କାର ଅନୁଦାନ ପାଣିରେ ପଡ଼ିବା ସାର ହେଉଛି । ରାସ୍ତା ସାରା ଖାଲଖମାରେ ପୂରି ରହିଥିବାବେଳେ ଗାଡିମଟର ଯାତାୟାତ ସମୟରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଜଶ୍ରୀ ବେହେରାଙ୍କ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି । ଶ୍ରୀ ବେହେରା ଏହି ରାସ୍ତାର କାର୍ଯ୍ୟ ତଦାରଖ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଯୁବନେତା ଶ୍ରୀ ପ୍ରଧାନ କହିଛନ୍ତି ।

- ବିନା ଟେଣ୍ଡରରେ ବର୍ଷ ବର୍ଷ ଧରି ମରାମତି ଆଳରେ ବିଲ୍ ପୈଠ
- ଅବସ୍ଥା ସୁଧୁରିବା ପରିବର୍ତ୍ତେ ଅଧିକ ବିଗିଡିବାରେ ଲାଗିଛି
- ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଫଳ ହେଉନାହିଁ
- ପୁରୁଣା ରାସ୍ତା ଉପରେ ପିଚୁ ପ୍ରଲେପ ଦିଆଯାଇ ଅର୍ଥ ଲୁଟ୍
- ମରାମତିର ସପ୍ତାହକ ପରେ ପିଚୁ ଉଠି ଯାଉଛି

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ



**ରାଜନଗର, ୨୦ ।୧୧(ସମିସ):** ରାଜନଗର ବ୍ଲକ କେରେଡାଗଡ଼ସ୍ଥିତ ଜଗନ୍ନାଥ ନୋଡାଲ ହାଇସ୍କୁଲ ପରିସରରେ ରାଜନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଅନିଲ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଶେଷକରି ସଭ୍ୟ ପଞ୍ଜିକରଣ, ନିୟମିତ ବୈଠକ, ଆର୍ଥିକ ସଂସ୍କାର, ସ୍ୱାସ୍ଥ୍ୟବୀମା, ସ୍ୱାସ୍ଥ୍ୟ ଭତ୍ତା, ପେନସନ ପୁନଃ ନିର୍ଦ୍ଧାରଣ, ରିହାତି ଗାଡିଭଡା, ସରଳ ବ୍ୟାଙ୍କ ସେବା, ନିୟମିତ ପେନସନପ୍ରାପ୍ତ ଉପରେ ଆଲୋଚନା କରାଯାଇଥିଲା । ଅବସରପ୍ରାପ୍ତ ଦିବଂଗତ କର୍ମଚାରୀ ଅନନ୍ତ ଚରଣ ମହାନ୍ତି, ଧ୍ରୁବ ଚରଣ ରାଉତ, ପୂର୍ଣ୍ଣଚନ୍ଦ୍ର ରଥ, ଶରତ ରାଉଲ, କଳାକାର ପ୍ରଧାନ, ପାରେଶ୍ୱର ଜେନା, ବ୍ରଜବନ୍ଧୁ ଦାସ ଓ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପାଇଁ ଶାନ୍ତି ପ୍ରାର୍ଥନା କରାଯାଇଥିଲା । କୃପାସିନ୍ଧୁ ସାମଲ, ଦାଶରଥି ଲେଙ୍କା, ସୁକାନ୍ତ ତ୍ରିପାଠୀ, ଗଣେଷ ନାୟକ, ଅର୍ଜୁନ ଚରଣ ସ୍ୱାଇଁ, ଅଧିକାରୀ ସ୍ୱାଇଁ, କ୍ଷେତ୍ରବାସୀ ସ୍ୱାଇଁ, ଶରତ ରଥ, ଅକ୍ଷୟ ମିଶ୍ର, ନବଘନ ସାହୁ, ଦୁର୍ଯ୍ୟୋଧନ ଦାସ, ସୁରେନ୍ଦ୍ର ପ୍ରଧାନ, ଅକ୍ଷୟ ନାୟକ, ମହେଶ୍ୱର ପଲାଇ, ମହେଶ୍ୱର ସୂତାର, ସୁବାଶ ଚନ୍ଦ୍ର ଦାସ, ଧରଣୀଧର ସାହୁ, ସୁନୀଲ ଦାସ, ପ୍ରସନ୍ନ ଦାସ, ବ୍ରହ୍ମାନନ୍ଦ ରାଉତ, ଅକ୍ଷୟ ରାଉତ, ଅଭିରାମ ପତି, ଘନଶ୍ୟାମ ବଳ, ବିଜୟ ବେହେରା, କ୍ଷେତ୍ରବାସୀ ରାଉତରାୟ ପ୍ରମୁଖ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ । ଏହି ବୈଠକକୁ ସଂଘର ସମ୍ପାଦକ ବିଜୟ ଜେନା ସଂଯୋଜନା କରିଥିବା ବେଳେ ଗଣେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ ।

# ନିଯୁକ୍ତି ସମସ୍ୟା ନେଇ '୫-ଟି' ଅଧ୍ୟକ୍ଷଙ୍କ ଦୃଷ୍ଟିଆକର୍ଷଣ

**ପାରାଦୀପ, ୨୦ ।୧୧(ସମିସ)**

ପାରାଦୀପ ଭଳି ଶିଳ୍ପ ନଗରୀରେ ସ୍ଥାନୀୟ ଶିକ୍ଷିତ ଯୁବକ/ଯୁବତୀଙ୍କୁ ନିଯୁକ୍ତି ମିଳୁନାହିଁ । ଏହା ଫଳରେ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟା ଚିନ୍ତାର କାରଣ ପାଲଟିଛି । ଶିଳ୍ପର ବିକାଶ ହେଲେ ଓଡ଼ିଶାର ବିକାଶ ହେବ । ଶିଳ୍ପକୁ ସ୍ୱାଗତ ଜଣାଇ ସ୍ଥାନୀୟ ଅଞ୍ଚଳବାସୀ ଶହ ଶହ ଏକର ଜମି କମ୍ପାନୀକୁ ଦେଇଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ଜମି ହରା ଓ ବିସ୍ଥାପିତ ପରିବାରଙ୍କ ନିଯୁକ୍ତି ଉପରେ ଅଗ୍ରାଧିକାର ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ; ହେଲେ ଦୁଃଖ ଓ ପରିତାପର ବିଷୟ କମ୍ପାନୀ କାର୍ଯ୍ୟକ୍ଷମ ହେବା ପରେ ଜିଲ୍ଲା ଏବଂ ରାଜ୍ୟ ବାହାରର ବ୍ୟକ୍ତିମାନଙ୍କୁ ଆଣି ନିଯୁକ୍ତି ଦେଉଛନ୍ତି । ଏହା ଫଳରେ ଅଞ୍ଚଳରେ ବେକାର ସଂଖ୍ୟା ବୃଦ୍ଧି ପାଇଛି । ପାରାଦୀପ ଅଞ୍ଚଳରେ ଗଢି ଉଠିଥିବା ସମସ୍ତ ଶିଳ୍ପ ଅନୁଷ୍ଠାନର ଅଧିକାରୀମାନେ ପ୍ରିୟାପ୍ରୀତିରେ ନିଯୁକ୍ତି ଦେଉଛନ୍ତି । ଏହି ସମସ୍ୟାର ସମାଧାନ ଲାଗି ପୂର୍ବ ଓଡ଼ିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ, ପୂର୍ବ ଓଡ଼ିଶା ପାରାଦୀପ ଶ୍ରମିକ ସଂଘ ଓ ଜମିହରା କୃଷକ ମହାସଂଘର ସଭାପତି ଓ



କର୍ମକର୍ତ୍ତା '୫-ଟି' ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ଭେଟି ସେମାନଙ୍କ ଅସନ୍ତୋଷ ଜଣାଇଥିଲେ । ବିଶେଷକରି ଆଇଓସିଏଲ ଏବଂ ଆଇଓସିଏଲ ଅଧୀନରେ ଥିବା ଛୋଟ ବଡ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଣଦେଖା କରୁଥିବା ସଙ୍ଗଠନର ସଭାପତି ଗୋଲେଖ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଅଞ୍ଚଳବାସୀଙ୍କ ଏହି ମୁଖ୍ୟ ସମସ୍ୟା ଉପରେ ବିଚାର କରିବାକୁ ସେ '୫-ଟି' ଅଧ୍ୟକ୍ଷଙ୍କୁ ବିନମ୍ର ଅନୁରୋଧ କରିଥିଲେ ।

# ମଲ୍ଲିକେଶ୍ୱରପୁରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




**ଡେରାବିଶ, ୨୦ ।୧୧(ସମିସ)**

ପଲେଇ ପଞ୍ଚାୟତ ମଲ୍ଲିକେଶ୍ୱରପୁରସ୍ଥିତ ଶ୍ରୀରାମ ଚରିତ ମାନସ ପରିଷଦର ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରାଯାଇଛି । ଏହି ଅବସରରେ ଏହି ପରିଷଦର ବରିଷ୍ଠ କର୍ମକର୍ତ୍ତା ଏବଂ ଗ୍ରାମର ବିବାହିତ ଝିଅ ଓ ସେମାନଙ୍କ ଜ୍ୱାଇଁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ପରିଷଦର ସଭାପତି ଶରତ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରେମସାଗର ସନ୍ଥ ମନୋହର ଦାସ ମହାରାଜ ଯୋଗଦେଇ ବର୍ତ୍ତମାନ ସମାଜ ବିପଥଗାମୀ ହୋଇଥିବା ବେଳେ ଏଥିରେ ସୁଧାର ଆଣିବା ପାଇଁ ରାମାୟଣର ଅନେକ ଘଟଣାକୁ ଅବତାରଣ କରି ଗଳ୍ପ ମାଧ୍ୟମରେ ଉପଦେଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରବଚକ ପ୍ରଫେସର ଦିନବନ୍ଧୁ ରାଉତ ଯୋଗଦେଇ ସଂସାର ସୃଷ୍ଟି ଓ ପାଳନରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡକ୍ଟର ଯଶୋବନ୍ତ ସାମଲ, ମାନସର ବ୍ୟାସ ପଣ୍ଡିତ ଶରତଚନ୍ଦ୍ର ମିଶ୍ର, ଡେରାବିଶ ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ମଲ୍ଲିକେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା ଯୋଗ ଦେଇଥିଲେ । ପ୍ରାରମ୍ଭରେ ପରିଷଦର ସମ୍ପାଦକ ଉମେଶଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କ୍ଷଣପ୍ରଭା ଷଡଙ୍ଗୀ ସଭା ସଂଯୋଜନା କରିଥିଲେ । ପରିଷଦର ସଭ୍ୟ ସରୋଜକାନ୍ତ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ପରିଷଦର ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅକ୍ଷୟ ନାୟକ ଓ ପରିଷଦର ଅନ୍ୟ ସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

# କାଟଣାରେ ଡିଗ୍ରୀ କଲେଜ ଖୋଲିବାକୁ ପ୍ରସ୍ତୁତି

**ରାଜକନିକା, ୨୦ ।୧୧(ସମିସ)**

ରାଜକନିକାର ପୂର୍ବ କନିକା ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ସ୍ଥାନୀୟ ଉତ୍ସାହୀ ଶିକ୍ଷାପ୍ରେମୀଙ୍କ ଉଦ୍ୟମରେ ସଫଳ ହୋଇ ଆଜି ପ୍ରତିଷ୍ଠିତ ହୋଇଥିବା କାଟଣାର କପିଳେଶ୍ୱର ମହାବିଦ୍ୟାଳୟ ସରକାରୀ ହେବା ପରେ ଏବେ ଏହି କଲେଜକୁ ଡିଗ୍ରୀ କଲେଜରେ ପରିଣତ କରିବାକୁ ଯୁବକମାନେ ଆଗେଇ ଆସିଛନ୍ତି । ତେବେ ଏହି ପ୍ରକାର ଏକ ସକାରାତ୍ମକ ଦିଗକୁ ସଫଳ କରାଇବାକୁ କାଟଣା ଅଞ୍ଚଳର ଯେଉଁ ଉତ୍ସାହୀ ଯୁବକମାନେ କଟକ ଭୁବନେଶ୍ୱରରେ ରହୁଛନ୍ତି ସେମାନେ ଏକ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ । ୫୦ରୁ ଅଧିକ ଯୁବ ଶିକ୍ଷପ୍ରେମୀଙ୍କ ଉଦ୍ୟମରେ ଆହୁତ ବୈଠକରେ ଏ ପ୍ରକାର ଅଭିଯାନକୁ ସଫଳ କରାଇବାକୁ ନିଷ୍ପତ୍ତି ହୋଇଛି । ସରକାରଙ୍କ ସମସ୍ତ ନୀତି ନିୟମକୁ ମାନି ବିଭାଗୀୟ ମନ୍ତ୍ରୀ, ସଚିବ ସ୍ଥାନୀୟ ନେତୃତ୍ୱଙ୍କ ପରାମର୍ଶରେ ଏହି ଅଭିଯାନ ଆଗକୁ ବଢ଼ିବ ବୋଲି ଧାକୁଲେଇ ପୀଠରେ ଅନୁଷ୍ଠିତ ବୈଠକରେ ସହମତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ରାଜକନିକାର ପୂର୍ବ କନିକା ଅଞ୍ଚଳରେ ଉଚ୍ଚ ଶିକ୍ଷାର ପ୍ରସାର ପାଇଁ ୧୯୮୫ରେ କେତେକ ବ୍ୟକ୍ତିଙ୍କ ଉଦ୍ୟମରେ ପ୍ରଥମେ ତାରାମଣୀ କପିଳେଶ୍ୱର ହାଇସ୍କୁଲ ପରିସରରେ ଆରମ୍ଭ ହୋଇଥିବା କପିଳେଶ୍ୱର ଯୁକ୍ତ ଦୁଇ କଲେଜ ଏବେ ବ୍ଲକ ଗ୍ରାଣ୍ଟ ମାଧ୍ୟମରେ ସରକାରୀ ଅନୁଦାନ ପାଇ ବେଶ୍ ପ୍ରତିଷ୍ଠିତ ହୋଇ ସାରିଛି । ସେତେବେଳେ କଲେଜ ପ୍ରତିଷ୍ଠା ପାଇ ହାଇସ୍କୁଲର ୧୦ ଏକର ସମ୍ପତ୍ତି ବିକ୍ରି ହୋଇ ଯୁକ୍ତ ଦୁଇ କଲେଜ ପାଇଁ ଉପଯୁକ୍ତ ଜାଗା କିଣାଯାଇଥିଲା; ଯାହା ଉପରେ ଆଜି ଯୁକ୍ତ ଦୁଇ ମହାବିଦ୍ୟାଳୟ ତା'ର କାୟା ବିସ୍ତାର କରିଚାଲିଛି ।



# ଜନ୍ମଦିନରେ ରକ୍ତଦାନ ଶିବିର

**ଗୋବିନ୍ଦପୁର, ୨୦ ।୧୧(ସମିସ):** ଆଳି ବ୍ଲକ ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ ରକ୍ତଦାନ ଶିବିର ଆୟୋଜନ କରି ତାଙ୍କ ଜନ୍ମଦିନ ପାଳିଛନ୍ତି । ବିଜୁ ଯୁବ ଜନତା ଦଳ ପକ୍ଷରୁ ଏହି ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । କଟକ ରେଡ୍‌କ୍ରସ୍ ପକ୍ଷରୁ ଡାକ୍ତର ଦୀପକ ଚୌଧୁରୀ, ସହକାରୀ ସରୋଜ ମହାନ୍ତି ରକ୍ତ ସଂଗ୍ରହ କରିଥିଲେ । ଜିଲ୍ଲା ବିଜୁ ଯୁବ ସଭାପତି ରାଜେଶ ଦାସ, ସଂଯୋଜକ ହିରଣ୍ୟ ପଣ୍ଡା, ସମ୍ବିତ ଶ୍ରୀଚନ୍ଦନ, ଜିଲ୍ଲାପରିଷଦ ସୁମନ୍ତ ରାଉତ, ଆଳି ବିଜୁ ଯୁବ ସଭାପତି କେଦାରନାଥ ବେହେରା, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ପ୍ରାକ୍ତନ ସରପଞ୍ଚ ନିଖିଳ ସାମଲ, ଶିବପ୍ରସାଦ ବେହେରା, ଜୋତିରଞ୍ଜନ ଭୂୟାଁ, ଦତ୍ତ ହରି ପ୍ରଧାନ, ଶ୍ରୀନାଥ ସାହୁ, ରାଧାକାନ୍ତ ପରିଡ଼ା, ଅକୁଳାନନ୍ଦ ଥଟୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ୫୨ ୟୁନିଟ୍ ରକ୍ତ ସଂଗ୍ରହ

**ପାରାଦ୍ୱୀପ, ୨୦ ।୧୧(ସମିସ):** ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲରେ ପାରାଦ୍ୱୀପର ଭରସା ଓ ସମ୍ପର୍କ ସେଚ୍ଛାସେବୀ ସଂଗଠନ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ପାରାଦ୍ୱୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ । ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଥିଲା । ଡାକ୍ତର ପ୍ରସନ୍ନ ସାମଲ, ଭରସା ସଂଗଠନର ସଭାପତି ଜିତେନ୍ଦ୍ର ସାହୁ, ବିଜେଡି ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡ଼ା, ଜିଲ୍ଲା ସମ୍ପାଦକ ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, ଅଟଳ ପରିଡ଼ା, ନଗେନ୍ଦ୍ର ସାହୁ ଓ ସମୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଇନ୍ଦିରା ଗାନ୍ଧୀଙ୍କ ୧୦୬ତମ ଜୟନ୍ତୀ

**କେନ୍ଦ୍ରାପଡ଼ା, ୨୦।୧୧(ସମିସ):** ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୬ତମ ଜୟନ୍ତୀ କଜଳାସ୍ଥିତ କଂଗ୍ରେସ ଭବନ ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଉମାଶଙ୍କର ଜେନା ପ୍ରମୁଖ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ବ୍ରାହ୍ମଣୀ ବାଛାରାନାସୀ ପୁନରୁଦ୍ଧାର ଜରୁରୀ

**ପଟ୍ଟାମୁଣ୍ଡାଇ, ୨୦ ।୧୧(ସମିସ)**

ବାଛରା ଗ୍ରାମ ନିକଟରେ ବ୍ରାହ୍ମଣୀ ନଦୀରୁ ବାହାରିଥିବା ବାଛରାନାସୀ ପୁନରୁଦ୍ଧାର ଜରୁରି । ଏହା ଫଳରେ ହଜାର ହଜାର ହେକ୍ଟର ଉର୍ବର ପାଳ ଜମିରେ ସୁନାର ଫସଲ ଫଳି ପାରିବ । ହଜାର ଚାଷୀ ପରିବାର ଏହା ଦ୍ୱାରା ଉପକୃତ ହେବା ସହ ଅଞ୍ଚଳର ଯୁବକମାନେ ଦାଦନ ଖଟିବାକୁ ଆଉ ବାହାର ରାଜ୍ୟ ଯିବେ ନାହିଁ ବୋଲି କୃଷକନେତା ଲଲାଟେନ୍ଦୁ ସ୍ୱାଇଁ କହିଛନ୍ତି । ବ୍ରାହ୍ମଣୀରୁ ବାହାରିଥିବା ବାଛରାନାସୀର ଏକଦା ଗୋବରୀ ନଦୀ ସହିତ ସଂଯୋଗ ହୋଇଥିଲା । ଏହାର ଏକ ଶାଖା ନାଳ ବାଲିପଡ଼ା ଗ୍ରାମ ଦେଇ ଅଳଭା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ବାଛରାନାସୀ ଉପରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବାଛରା ପଞ୍ଚାୟତର ବାଛରା, ମଣ୍ଡପଡ଼ା, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଟା, ବାଲିପଡ଼ା, ତଳବାସଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, ତନୁପୁର, ବଙ୍ଗାଳିଦିଆ, ନନ୍ଦିନୀନଗର, ନୂଆଗାଁ, କାକୁଡିପଲ୍ଲୀ, ଅଳଭା ପ୍ରଭୃତି ଗ୍ରାମଗୁଡିକର ହଜାର ହଜାର ଏକର ପାଳ ଜମି ନିର୍ଭର କରିଆସୁଥିଲା । ବନ୍ୟା ସମୟରେ ଏହି ସବୁ ଅଞ୍ଚଳର ପାଳଜମିରେ ପଟୁ ପଡ଼ି ଜମିର ଉର୍ବରତା ବୃଦ୍ଧି ପାଉଥିଲା । ବାଛରାନାସୀରେ ଉଠାସେଚ ପଏଣ୍ଟ, ତେଣ୍ଡା ଓ ପାଣିକଳ ମାଧ୍ୟମରେ ଚାଷୀ ବିଲକୁ ଜଳସେଚିତ କରୁଥଲେ । ବ୍ରାହ୍ମଣୀ ଅବବାହିକାରେ ଥିବା ଏହି ସବୁ ଉର୍ବର ପାଳଜମିରେ କୋବି, ବାଇଗଣ, ଟମାଟୋ, ଭେଣ୍ଡି, ଲଙ୍କା, କଲରା, ପୋଟଳ, ପୋଇ, ମୂଳା, ବିନ୍, ଜହ୍ନି, କାକୁଡି, ମକା, ବିରି, ମୁଗ, ଧଣିଆ, ସୋରିଷ, ଚିନାବାଦାମ, ଯଅ, ଗହମ, ମାଣ୍ଡିଆ, ଆଳୁ, ତରଭୁଜ ଆଦି ବିଭିନ୍ନ ଫସଲ ଚାଷ ହେଉଥିଲା । କୃଷକମାନେ ଉତ୍ପାଦିତ ପନିପରିବା ଓ ଖାଦ୍ୟଶସ୍ୟକୁ ସ୍ଥାନୀୟ ବଜାର ଓ ଜିଲ୍ଲାର ବିଭିନ୍ନ ହାଟ ବଜାରରେ ବିକ୍ରି କରି ରୋଜଗାର କରୁଥିଲେ । କ୍ରମଶଃ ବାଛରାନାସୀର ବ୍ରାହ୍ମଣୀ ନଦୀ ମୁହାଣ ପୋତି ହୋଇ ପଡ଼ିବାରୁ ଓ ବାଛରାନାସୀରେ ବିଭିନ୍ନ ଜଙ୍ଗଲୀ ଗଛ, କଟକୀଦଳ ଭର୍ତ୍ତି ହୋଇ ପୋତି ହୋଇ ପଡ଼ିବାରୁ ବର୍ଷାଦିନ ପରେ ଏହାର ଜଳଧାରଣା କ୍ଷମତା ଲୋପ ପାଇଛି । ହଜାର ହଜାର ହେକ୍ଟର ଉର୍ବର ପାଳଜମିରେ ଚାଷକାର୍ଯ୍ୟ ହୋଇ ନ ପାରିବାରୁ ବେଣା ଜଙ୍ଗଲରେ ପରିଣତ ହୋଇଛି । ଚାଷଜମି ଗୁଡିକ ପଡ଼ିଆର ଭ୍ରମ ସୃଷ୍ଟି କରୁଛି । ଧୋୟାଞ୍ଚଳର ଚାଷୀ ପରିବାର ଜୀବିକା ହରାଇ ଦୁଃଖ-ଦୁର୍ଦ୍ଦଶାରେ କାଳ କାଟୁଥିବାବେଳେ ଯୁବକମାନେ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । କିଛି ବର୍ଷ ପୂର୍ବେ ବାଛରାନାସୀକୁ ଖନନ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ଅନୁଦାନ ଅର୍ଥ ଯୋଗାଇ ଦେଇଥିଲେ; ହେଲେ ବିଭାଗୀୟ ଅଧିକାରୀଙ୍କ ଅପରିଣାମଦର୍ଶିତା ପାଇଁ ଠିକାଦାର କାମ ଆରମ୍ଭ କରି ଛୁ ମାରିଥିଲା ।

